# ଭଏସ୍ ଅଫ୍ ଭିକ୍ଟିମ୍ସ
## Voice of Victims


RNI Regd. No. :ODIMUL/2023/89182 | Weekly Multilingual | Rs - 5.00

ଭାଗ: ୩, ସଂଖ୍ୟା: ୨, ଭୁବନେଶ୍ୱର, ଡିସେମ୍ବର ୧- ଡିସେମ୍ବର ୭, ୨୦୨୫, Vol: 3, Issue: 2, Bhubaneswar, December 1- December 7, 2025 Pages- 8





ଭଏସ୍ ଅଫ ଭିକ୍ଟିମ୍ସର ସ୍ୱନକ୍ଷତ୍ର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚିତ




ସେଞ୍ଚୁରିଅନ୍ ସ୍କୁଲ୍ ଅଫ୍ ଲ'ର ଡିନ୍ ଡଃ ପଲ୍ଲବ ଦାସଙ୍କ ପୁସ୍ତକ 'ଅଣ୍ଡରଷ୍ଟାଣ୍ଡିଙ୍ଗ ମେଣ୍ଟାଲ୍ ହେଲ୍ଥ ଥ୍ରୁ ଦି ପ୍ରିଜମ ଅଫ୍ ଲ' ଅତିଥିମାନଙ୍କ ଦ୍ୱାରା ପାଠକାର୍ପଣ

# 'ଭଏସ୍ ଅଫ୍ ଭିକ୍ଟିମ୍ସ'ର ସ୍ୱନକ୍ଷତ୍ର ଉତ୍ସବ ପାଳିତ

ବହୁଭାଷୀ ସାପ୍ତାହିକ ଖବରକାଗଜ 'ଭଏସ୍ ଅଫ୍ ଭିକ୍ଟିମ୍ସ'ର ସ୍ୱନକ୍ଷତ୍ର ଉତ୍ସବ ଭୁବନେଶ୍ୱର ରେଡ୍-କ୍ରସ୍ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁପ୍ରିୟା ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ବରିଷ୍ଠ ଆଇନଜୀବୀ ତଥା ରାଜ୍ୟ ଆଇନଜୀବୀ ପରିଷଦର ପୂର୍ବତନ ଅଧ୍ୟକ୍ଷ ମାନସ ରଂଜନ ମହାପାତ୍ର କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ଏହି ଅବସରରେ "ଆତ୍ମୀୟତା ଓ ସହଯୋଗରେ ସହାୟତା" ଶୀର୍ଷକ ଆଲୋଚନା ଚକ୍ରରେ ପୂର୍ବତନ ପୋଲିସ୍ ମହାନିର୍ଦ୍ଦେଶକ ବିଜୟ କୁମାର ଶର୍ମା, ପୂର୍ବତନ ଜିଲ୍ଲା ଓ ଦୌରାଜଜ୍ ସଂଜୟ କୁମାର ସାହୁ, ସାଇବର ଥାନା ଏ.ସି.ପି. ଅକ୍ଷୟ କୁମାର ନାୟକ ଏବଂ ସାଇବର ଆଇନ ବିଶେଷଜ୍ଞ ଲିଙ୍ଗରାଜ ସେଠୀ ପ୍ରମୁଖ ଅଂଶଗ୍ରହଣ କରି ଅପରାଧ ନିୟନ୍ତ୍ରଣ ନିମନ୍ତେ ପୋଲିସ କ୍ଷମତା ଏବଂ ସାଧାରଣ ଜନତାଙ୍କ ପ୍ରତି ପୋଲିସର ବ୍ୟବହାର, ଅଦାଲତରେ ବିଚାର ଅପେକ୍ଷାରେ ଥିବା ମାମଲାର ଶୀଘ୍ର ସମାଧାନର ଆବଶ୍ୟକତା ଏବଂ ସଂପ୍ରତି ସମାଜରେ ଘଟୁଥିବା ବିଭିନ୍ନ ଡିଜିଟାଲ ଅପରାଧରୁ କେମିତି ନିଜକୁ ସୁରକ୍ଷା ପ୍ରଦାନ କରାଯାଇ ପାରିବ ଏବଂ ଏ ସମ୍ବନ୍ଧରେ କି କି ପ୍ରକାରର ଆଇନ ବ୍ୟବସ୍ଥା ରହିଛି ସେ ସମ୍ବନ୍ଧରେ ବିଶେଷ ଆଲୋଚନା କରିଥିଲେ। ଏହି ଆଲୋଚନାଚକ୍ରକୁ କବି ତଥା ସାମ୍ବାଦିକ ଶତ୍ରୁଜିତ୍ ସଂଚାଳନା କରିଥିଲେ। ବରିଷ୍ଠ ସାମ୍ବାଦିକ ସନ୍ଦୀପ ସାହୁ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ସମ୍ବାଦପତ୍ର ମାନେ ନିଜ କର୍ତ୍ତବ୍ୟକୁ ଗୁରୁତ୍ୱ ଦେଇ ସଠିକ୍ ଢ଼ଙ୍ଗରେ ସମ୍ବାଦ ପରିଚାଳନା କରିବା ଉଚିତ୍ ଏବଂ ଏଭଳି ଏକ ମାନସିକତାରୁ ହିଁ 'ଭଏସ୍ ଅଫ୍ ଭିକ୍ଟିମ୍ସ' ଭଳି ଏକ ସାପ୍ତାହିକ ଖବରକାଗଜର ଜନ୍ମ ହେଲା ବୋଲି ପ୍ରକାଶ କରି ସଂସ୍ଥା ତା'ର କାମକୁ ପରିବ୍ୟାପ୍ତ କରିବା ପାଇଁ ଡିଜିଟାଲ ପ୍ଲାଟଫର୍ମ ଉପରେ ଗୁରୁତ୍ୱ ଦେବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅତିଥି ମାନଙ୍କ ଦ୍ୱାରା ଭଏସ୍ ଅଫ୍ ଭିକ୍ଟିମ୍ସର ସ୍ୱନକ୍ଷତ୍ର ସଂଖ୍ୟା ଉନ୍ମୋଚନ କରାଯାଇଥିଲା। ସେଞ୍ଚୁରିଅନ୍ ସ୍କୁଲ୍ ଅଫ୍ ଲ'ର ଡିନ୍ ଡଃ ପଲ୍ଲବ ଦାସଙ୍କ ପୁସ୍ତକ 'ଅଣ୍ଡରଷ୍ଟାଣ୍ଡିଙ୍ଗ ମେଣ୍ଟାଲ୍ ହେଲ୍ଥ ଥ୍ରୁ ଦି ପ୍ରିଜମ ଅଫ୍ ଲ' ଅତିଥିମାନେ ପାଠକାର୍ପଣ କରିଥିଲେ। ମନୋଜ ପୃଷ୍ଟି, ସଂଜୀବ କୁମାର ପ୍ରଧାନ, ଡାକ୍ତର ଦିପ୍ତି ପ୍ରଧାନ, ଦିଗରଞ୍ଜନ ଦାସ, ପାର୍ଥ କୁମାର ଦାସ, ସୌମ୍ୟଜିତ୍ ମଜୁମଦାର ପ୍ରମୁଖଙ୍କୁ ଭଏସ୍ ଅଫ୍ ଭିକ୍ଟିମ୍ସ ଗୌରବ-୨୦୨୫ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଭଏସ୍ ଅଫ୍ ଭିକ୍ଟିମ୍ସକୁ ଆଲେଖ୍ୟ ପ୍ରଦାନ କରିଥିବା ପ୍ରତିଭାମାନଙ୍କୁ ଉତ୍ତରୀୟ ଏବଂ ମାନପତ୍ର ଦିଆଯାଇ ସମ୍ମାନିତ କରାଯାଇଥିଲା । ଏଥି ସହିତ ନିୟମିତ ଆଇନ ସମ୍ବନ୍ଧୀୟ ଉପାଦେୟ ଲେଖା ପ୍ରେରଣ କରୁଥିବା ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର କୃତି ଛାତ୍ରଛାତ୍ରୀଙ୍କୁ ସମ୍ମାନୀତ କରାଯାଇଥିଲା। ମୁଖ୍ୟ ସମ୍ପାଦକ କୈଳାସ ଚନ୍ଦ୍ର ଶତପଥି ସ୍ୱାଗତ ଭାଷଣ, ଅତିଥି ପରିଚୟ ଦେବା ସହିତ ସଭାମଞ୍ଚକୁ ପରିଚାଳନା କରିଥିବା ବେଳେ ଅଧ୍ୟକ୍ଷ ତଥା ସମ୍ପାଦକ ଜ୍ଞାନ ରଞ୍ଜନ ମିଶ୍ର ଉତ୍ସବରେ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରଦ୍ଧାଞ୍ଜଳି ମିଶ୍ର, ସ୍ନେହା ତ୍ରିପାଠୀ, ଦୁର୍ଗେଶ ମିଶ୍ର, ଡଃ ରଶ୍ମିରଂଜନ ମହାରଥୀ, ବିରଞ୍ଚି ପାଇକରାୟ, ରଣଜିତ ପଟ୍ଟନାୟକ, ପ୍ରୟାସ ମିଶ୍ର, ରଂଜନ ପଟ୍ଟନାୟକ, ବ୍ୟୋମକେଶ ମିଶ୍ର, ସରୋଜିନୀ ପ୍ରଧାନ, ଶୁଭଶ୍ରୀ ସାମଲ, ଅର୍ପିତା ମିଶ୍ର, ରତ୍ନାକର ମହାମାନସିଂହ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

## 'ଭଏସ୍ ଅଫ୍ ଭିକ୍ଟିମ୍ସ' ଟିମ୍ ଦୁଃସାହସିକ ପଦକ୍ଷେପ ନେଇଛନ୍ତି



ବ୍ରିଟିଶ ସମୟରୁ ବା ସ୍ୱାଧୀନତାର ପରବର୍ତ୍ତୀ ସମୟ ଠାରୁ ବର୍ତ୍ତମାନର ଜୀବନ ଧାରଣର ମାନରେ ବହୁତ ପରିବର୍ତ୍ତନ ହୋଇଛି ନିଶ୍ଚୟ। ତଥାପି ଏବେ ବି ସମାଜରେ ଅନେକ ନିକ୍ଷେପିତ ଦୁଃସହ ଜୀବନ ଜୀଉଁଛନ୍ତି ଯେଉଁମାନଙ୍କର ସ୍ୱର କ୍ରମବର୍ଦ୍ଧିଷ୍ଣୁ ଏହି ବିଧି ବ୍ୟବସ୍ଥା ଠାରୁ ବହୁତ ଦୂରରେ। ଅନ୍ୟାୟ ବିରୁଦ୍ଧରେ ଲଢ଼ି ସତ୍ୟକୁ ସାମନା କରିବା ଲୋକଙ୍କ ସଂଖ୍ୟା ଆଜିକାଲିକା ସମାଜରେ ବହୁତ କମ୍। ସଂଖ୍ୟାରେ କମ୍ ହୁଅନ୍ତୁ ପଛେ 'ଭଏସ୍ ଅଫ୍ ଭିକ୍ଟିମ୍ସ'ର ସଦସ୍ୟମାନେ ସେହି ପୀଡିତମାନଙ୍କ ସ୍ୱରକୁ ସାମନାକୁ ଆଣିବାର ଦୁଃସାହସ କରିଛନ୍ତି। ଭୁଲ୍ କାଢ଼ିବାରେ, ଦୋଷ ବାଛିବାରେ ସାମ୍ବାଦିକମାନେ ନିପୁଣ। କିନ୍ତୁ 'ଭଏସ୍ ଅଫ୍ ଭିକ୍ଟିମ୍ସ' ଟିମର ସଦସ୍ୟମାନେ ସତ୍ୟ ସାମନାକୁ ଆଣିବା ପାଇଁ ବା ପୀଡିତର ସ୍ୱର ସାଜି ଅନ୍ୟାୟ ବିରୁଦ୍ଧରେ ଲଢ଼ି ପୀଡ଼ିତକୁ ନ୍ୟାୟ ଦେବାରେ ଯେଉଁ ଦୁଃସାହସ ଉଦ୍ୟମ ଜାରି ରଖିଛନ୍ତି ତାହା ଜାଣି ବହୁତ ଖୁସି ଏବଂ ଆଶାବାଦୀ ଲାଗୁଛି। 'ଭଏସ୍ ଅଫ୍ ଭିକ୍ଟିମ୍ସ' ଟିମ ସହିତ ମିଶି ମନରେ ଏକ ସକାରାତ୍ମକ ଭାବନା ଜାଗ୍ରତ ହେଉଛି।

**- ସନ୍ଦୀପ ସାହୁ, ବରିଷ୍ଠ ସାମ୍ବାଦିକ**

## 'ଭଏସ୍ ଅଫ୍ ଭିକ୍ଟିମ୍ସ' ମାଧ୍ୟମରେ ଅନେକ ପିଡୀତଙ୍କ ସମସ୍ୟା ସାମନାକୁ ଆସିଛି



ବର୍ତ୍ତମାନ ସମାଜ ଯେଉଁ ଦିଗରେ ଚାଲିଛି, ଯେଉଁଠିକି ଲୋକମାନେ କେହି କାହା ସହିତ ପଦେ ଭଲରେ କଥା ହେବାକୁ ବି ଇଛା କରୁ ନାହାନ୍ତି, ସେଠି 'ଭଏସ୍ ଅଫ୍ ଭିକ୍ଟିମ୍ସ' ସମାଜର ପିଡୀତମାନଙ୍କ ସମସ୍ୟାକୁ ଲୋକ ଲୋଚନକୁ ଆଣି ସେଗୁଡିକର ସମାଧାନ ବି କରାଇ ପାରୁଛି। ଏହା ଏକ ଏମିତି ପ୍ଲାଟଫର୍ମ ଯେଉଁଠି ଲୋକମାନେ ସେମାନଙ୍କର ସମସ୍ୟା କହି ପାରିବେ ଏବଂ ସେମାନଙ୍କୁ ସମାଧାନ ବି ମିଳି ପାରିବ। ଡିଜିଟାଲ ଏବଂ ସୋସିଆଲ ମେଡିଆ ସାହାଯ୍ୟରେ ଅନେକ ସମସ୍ୟା ବି ଲୋକଲୋଚନକୁ ଆସି ପାରିବ ଏବଂ ସେଗୁଡିକର ସମାଧାନ ବି ହୋଇ ପାରିବ। ତେଣୁ ଏ ସବୁରେ ସମ୍ବାଦ ପ୍ରସାରଣ ସମୟରେ ସମସ୍ତେ ସେ ବିଷୟରେ ଚିନ୍ତା କରିବା ଉଚିତ୍।

**- ସୁପ୍ରିୟା ପଟ୍ଟନାୟକ, କୁଳପତି, ସେଂଚୁରିଅନ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର**

## ପିଡୀତଙ୍କ ସ୍ୱର ସାଜିଛି 'ଭଏସ୍ ଅଫ୍ ଭିକ୍ଟିମ୍ସ'



ସମାଜରେ ଯେଉଁମାନଙ୍କୁ ଉପେକ୍ଷା କରାଯାଏ ସେମାନଙ୍କ ପାଇଁ କେହି ନା କେହି ସ୍ୱର ଉଠେଇବା ଦରକାର। ବର୍ତ୍ତମାନ ସମାଜରେ ଦେଖାଯାଉଛି ଯେଉଁମାନଙ୍କ ପାଖରେ ଧନ ଅଛି ସେମାନେ ସବୁ ପ୍ରକାର ଉପଭୋଗ କରିପାରୁଛନ୍ତି ଏବଂ ଶାସନ ବ୍ୟବସ୍ଥାରେ ଯାହା ଯାହା ଅଛି ପାଇ ପାରୁଛନ୍ତି। ଅନେକ ସମ୍ବାଦ ପରିବେଷଣ ସଂସ୍ଥା ବଡ ବଡ କଥା କହୁଥିବା ବା ବଡଲୋକଙ୍କର ସମସ୍ୟାକୁ ଲୋକଲୋଚନକୁ ଆଣୁଛନ୍ତି, କିନ୍ତୁ ସମାଜର ପଛୁଆ ଶ୍ରେଣୀର ଲୋକ, ଯେଉଁମାନଙ୍କ ପାଇଁ କରାଯାଇଥିବା ସରକାରୀ ବ୍ୟବସ୍ଥାର ଉପଲବ୍ଧିର ଲାଭ ସେମାନେ ପାଇପାରୁ ନାହାନ୍ତି ବା ସେମାନେ ଜାଣିପାରୁ ନାହାନ୍ତି କଣ କଣ ସବୁ ଆଇନ କାନୁନ ବା ସରକାରୀ ବ୍ୟବସ୍ଥା ସେମାନଙ୍କ ପାଇଁ ବ୍ୟବସ୍ଥାରେ ରହିଛି । ତେଣୁ ଆଜି ସେମାନଙ୍କର ସ୍ୱର ସାଜିଛି 'ଭଏସ୍ ଅଫ୍ ଭିକ୍ଟିମ୍ସ'। ସେମାନଙ୍କୁ କିପରି ସ୍ୱାସ୍ଥ୍ୟ, ଶିକ୍ଷା ବା ନ୍ୟାୟ ମିଳିପାରିବ ସେଥିପାଇଁ ଏହି ସଂସ୍ଥା କାର୍ଯ୍ୟ କରୁଛି ବୋଲି ମୋର ହୃଦ୍‌ବୋଧ ହେଉଛି।

**- ମାନସ ରଞ୍ଜନ ମହାପାତ୍ର, ପୂର୍ବତନ ଅଧ୍ୟକ୍ଷ, ରାଜ୍ୟ ଆଇନଜୀବୀ ପରିଷଦ**

## ଭଏସ ଅଫ ଭିକ୍ଟିମ୍ସ ଗୌରବ -୨୦୨୫



ପାର୍ଥ କୁମାର ଦାସ



ଡାକ୍ତର ଦୀପ୍ତି ପ୍ରଧାନ



କ୍ୟାପଟେନ ବିକାଶ ପାତ୍ର



ଦିଗ ରଞ୍ଜନ ଦାସ



ମନୋଜ ପୃଷ୍ଟି



ସଂଜୀବ କୁମାର ପ୍ରଧାନ



ହୋଟେଲ୍ ପିପୁଲ୍ ପଦ୍ମଜା ସମ୍ବର୍ଦ୍ଧିତ

# ଲୋକ ବାଦ୍ୟ ପାଇଁ ଗୁରୁ କୁଳମଣି ବିଶ୍ୱାଳଙ୍କୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର



**ସତ୍ୟବାଦୀ (ଭିଓଭି ) :** ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ଲୋକକଳାଗ୍ରାମ ସାରଙ୍ଗଯୋଡି ବାଇଁଶିବାଡି ଗ୍ରାମର ବର୍ଷୀୟାନ ଲୋକକଳା ଗୁରୁ ଶ୍ରୀ କୁଳମଣି ବିଶ୍ୱାଳଙ୍କୁ ଓଡ଼ିଶା ସଙ୍ଗୀତ ଏକାଡେମୀ ପୁରସ୍କାରରେ ସମ୍ମାନିତ କରାଯାଇଛି। ଗତ ସୋମବାର ୨୪-୧୧-୨୫ଦିନ ଲୋକସେବା ଭବନରେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୨୦୨୩,୨୦୨୪ ଓ ୨୦୨୫ ପାଇଁ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ,ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର 'ଉପାୟନ' ଓ କବିଚନ୍ଦ୍ର କାଳୀଚରଣ ଯୁବପ୍ରତିଭା ସମ୍ମାନ ପ୍ରଦାନ ପାଇଁ ଏକ ସ୍ୱତନ୍ତ୍ର ଉତ୍ସବର ଆୟୋଜନ କରାଯାଇଥିଲା।କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ,ବିଧାୟକ ସିଦ୍ଧାନ୍ତ ମହାପାତ୍ର ଓ ଆକାଶ ଦାସନାୟକ ପ୍ରମୁଖ ଉପସ୍ଥିତ ରହି ଅନ୍ୟମାନଙ୍କ ସହ ଶ୍ରୀ ବିଶ୍ୱାଳଙ୍କୁ ୨୦୨୩ ପାଇଁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ (ଲୋକବାଦ୍ୟ) ପୁରସ୍କାର ପ୍ରଦାନ କରିଥିଲେ। ପିଲାଟି ଦିନରୁ ଶ୍ରୀ ବିଶ୍ୱାଳ ସଙ୍ଗୀତରେ ସାଧନାରତ ରହି ପାଲା, ସଂକୀର୍ତ୍ତନ ଓ ପ୍ରାୟ ସମସ୍ତ ଲୋକକଳାରେ ପାରଦର୍ଶିତା ଅର୍ଜନ କରିଛନ୍ତି ଓ ଗୁରୁ ଭାବେ ଯୁବପୀଢ଼ିଙ୍କ ମାର୍ଗଦର୍ଶନ କରାଉଛନ୍ତି। ତାଙ୍କର ଏ ସଫଳତାରେ ଲୋକକଳାଗ୍ରାମ ସାରଙ୍ଗଯୋଡିରେ ଆନନ୍ଦ ଖେଳିଯାଇଛି।

# ପାଣ୍ଡିଆନଙ୍କ ପାଇଁ ୭୨ଜଣ ପୋଲିସ ନିୟୋଜିତ କରିଥିଲେ ବିଜେଡି ସରକାର - ଆଇନ ମନ୍ତ୍ରୀ



**ଭୁବନେଶ୍ୱର (ଭିଓଭି):** ପୁଣି ତେଜିଲା ପାଣ୍ଡିଆନ ରାଜନୀତି । ଗତ ସରକାରରେ ପାଣ୍ଡିଆନଙ୍କୁ ସୁରକ୍ଷା ପ୍ରସଙ୍ଗରେ ବୟାନବାଜି ଆରମ୍ଭ ହୋଇଛି । ଉଭୟ ବିଜେପି, କଂଗ୍ରେସ ଓ ବିଜେଡ଼ି ବିଧାୟକ ମୁହାଁମୁହିଁ ହୋଇଛନ୍ତି । ଚଳିତ ବିଧାନସଭାରେ ଆଇନମନ୍ତ୍ରୀ ପୃଥ୍ୱିରାଜ ହରିଚନ୍ଦନ ପୂର୍ବ ସରକାର କାହିଁକି ଭିକେ ପାଣ୍ଡିଆନଙ୍କ ସୁରକ୍ଷା ପାଇଁ ୭୨ଜଣ ପୁଲିସ ନିୟୋଜିତ କରିଥିଲେ ବୋଲି ବିଜେଡ଼ି ବିଧାୟକଙ୍କୁ ପ୍ରଶ୍ନ କରିଥିଲେ। ଆଜି ପୁଣି ସମାନ ପ୍ରଶ୍ନ ଦୋହରାଇଛନ୍ତି ବିଜେପି ବିଧାୟକ। ବିଜେପି ବିଧାୟକ ସରୋଜ ପାଢୀ କହିଛନ୍ତି, ଭିକେ ପାଣ୍ଡିଆନ କିଏ ଓ ପୂର୍ବ ସରକାର କାହିଁକି ତାଙ୍କ ପାଇଁ ୭୨ ଜଣ ପୁଲିସ ଅଧିକାରୀଙ୍କୁ ନିୟୋଜିତ କରିଥିଲେ ତଦନ୍ତ ହେଉ ଏବଂ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଜବାବରେ ବିଜେଡ଼ି ବିଧାୟକ ସାରଦା ଜେନା ତଦନ୍ତ ପାଇଁ ପ୍ରସ୍ତୁତ ଥିବା କହିଛନ୍ତି । ସାରଦା ଜେନା କହିଛନ୍ତି, ବିଜେପି ଏବେ ସରକାରରେ ଅଛି, ଇଡି ଓ ସିବିଆଇ ତାଙ୍କ ପାଖରେ ଅଛି। ସରକାରକୁ ଆସିବାର ୧୮ ମାସ ବିତିଲାଣି ଯଦି କାର୍ଯ୍ୟାନୁଷ୍ଠାନ ନେବା କଥା ନିଅନ୍ତୁ ବୋଲି କହିଛନ୍ତି ଶ୍ରୀ ଜେନା । ପ୍ରସଙ୍ଗରେ ଉଭୟ ଶାସକ ଓ ବିରୋଧୀଙ୍କୁ ନିଶାଣ କରିଛି କଂଗ୍ରେସ। କଂଗ୍ରେସ ବିଧାୟକ ଅଶୋକ ଦାସ କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯାଇନି ବୋଲି ପ୍ରଶ୍ନ କରିଛନ୍ତି । ଉଭୟଙ୍କୁ କଟାକ୍ଷ କରି ଶ୍ରୀ ଦାସ କହିଛନ୍ତି, ବିଜେଡ଼ି-ବିଜେପି ଚତୁରେ କୋଳାକୋଳି, ସେମାନେ ମିଶିକି ଅଛନ୍ତି।

## ଏକାଥରକେ ମିଳିବ ଡବଲ ସୁଭଦ୍ରା କିସ୍ତି



**ଭୁବନେଶ୍ୱର (ଭିଓଭି) :** ସରଜମିନ ତଦନ୍ତ ପରେ ସୁଭଦ୍ରାରେ ୧୭ ଲକ୍ଷରୁ ଉର୍ଦ୍ଧ୍ୱ ମହିଳା ଯୋଡ଼ି ହୋଇଛନ୍ତି । ଏ ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗୃହରେ ତଥ୍ୟ ରଖିଛନ୍ତି। ୧୭ ଲକ୍ଷ ୮୩ ହଜାର ୨୫୧ ମହିଳା ସୁଭଦ୍ରାରେ ଯୋଡ଼ି ହୋଇଛନ୍ତି । ୭ ଲକ୍ଷ ୫୧ ହଜାର ୪୭୯ ଜଣ ସମସ୍ତ ୩ଟି କିସ୍ତି ପାଇଛନ୍ତି । ୧ କୋଟି ୩ ଲକ୍ଷ ୮୯ ହଜାର ୮୦୧ ମହିଳା ପ୍ରଥମ କିସ୍ତି ଟଙ୍କା ପାଇଛନ୍ତି। ୧ କୋଟି ୧ ଲକ୍ଷ ୯୨ ହଜାର ୭୨୪ ଦ୍ୱିତୀୟ କିସ୍ତି ପାଇଛନ୍ତି ବୋଲି ଗୃହରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ତଥ୍ୟ ରଖିଛନ୍ତି। ସେପଟେ ନୂଆବର୍ଷରେ ଏକାଥରକେ ଦୁଇଟି କିସ୍ତି ପାଇବେ ନୂଆ ସୁଭଦ୍ରା ହିତାଧିକାରୀ। ନୂଆ ଯୋଡି ହୋଇଥିବା ହିତାଧିକାରୀଙ୍କୁ ଏକାଥରକେ ଦୁଇଟି କିସ୍ତି ମିଳିବ। ଏ ନେଇ ସୂଚନା ଦେଇଛନ୍ତି ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡା। ସେ କହିଛନ୍ତି ପୋର୍ଟାଲ ଖୋଲିଛି, ୨୧ ବର୍ଷୀୟ ହିତାଧିକାରୀ ଯୋଡି ହେଉଛନ୍ତି। ଦୁଇଟି କିସ୍ତି ଦେବାକୁ ଜାନୁଆରୀ ପ୍ରଥମ ସପ୍ତାହରୁ କାର୍ଯ୍ୟ ତ୍ୱରାନ୍ୱିତ କରିବୁ।

## ୪୧୪୫ ମନ୍ଦିରର ଅନୁଦାନ ରାଶି ବଢ଼ାଇଲେ ରାଜ୍ୟ ସରକାର



**ଭୁବନେଶ୍ୱର (ଭିଓଭି) :** ରାଜ୍ୟର ୪୧୪୫ ମନ୍ଦିରର ଅନୁଦାନ ରାଶି ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ବିଧାନସଭା ଶୀତ ଅଧିବେଶନର ଶନିବାର ୩ୟ ଦିନରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏକ ପ୍ରଶ୍ନର ଉତ୍ତରରେ ଏହା କହିଛନ୍ତି। ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଥିଲେ, ରାଜ୍ୟ ସରକାର ୪୧୪୫ ମନ୍ଦିରର ଆର୍ଥିକ ଅନୁଦାନ ରାଶି ବଢ଼ାଇଛନ୍ତି। ପୂର୍ବରୁ ଏହା ୫ କୋଟି ଟଙ୍କା ଥିବାବେଳେ ଏବେ ତାହାକୁ ସାଢ଼େ ୭ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ଦେବୋତ୍ତର ବିଭାଗ ଅଧୀନରେ ଏବେ ରାଜ୍ୟରେ ୧୮ ହଜାରରୁ ଅଧିକ ମନ୍ଦିର ରହିଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

## ଭିଜିଲାନ୍ସ ଜାଲରେ ନିମାପଡ଼ା ଏନ୍‌ଏସି ଅମିନ ବିଜୟ



**ନିମାପଡ଼ା (ଭିଓଭି):** କୋଠା ନିର୍ମାଣ ଅନୁମୋଦନ ପାଇଁ ଫାଇଲ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ନିକଟକୁ ପଠାଇବା ଲାଗି ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ପୁରୀ ଜିଲା ନିମାପଡ଼ା ଏନଏସିର ଅମିନ ବିଜୟ କୁମାର ଗ୍ରହାଚାର୍ଯ୍ୟ। ସେ ଜଣେ ଆବେଦନକାରୀଙ୍କଠାରୁ ୧୭ ହଜାର ଟଙ୍କା ଲାଞ୍ଚ ନେବା ସମୟରେ ଭିଜିଲାନ୍ସ ଅଧିକାରୀମାନେ ଶନିବାର ତାଙ୍କୁ ଧରିଛନ୍ତି। ଫାଇଲ ଟ୍ରାନ୍ସଫର କରିବା ଲାଗି ବିଜୟ ଆବେଦନକାରୀଙ୍କଠାରୁ ୩୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ପ୍ରଥମ ଦୁଇଟି କିସ୍ତିରେ ୧୩ ହଜାର ଟଙ୍କା ଲାଞ୍ଚ ଗ୍ରହଣ କରିଥିଲେ। ୩ୟ ତଥା ଶେଷ କିସ୍ତିରେ ୧୭ ହଜାର ଟଙ୍କା ନେବାବେଳେ ଅଧିକାରୀମାନେ ତାଙ୍କୁ ମାଡ଼ି ବସିଥିଲେ। ଏନଏସିର ଜଣେ ବ୍ୟକ୍ତି ଘର ନିର୍ମାଣ ଲାଗି ଗତ ମାର୍ଚ୍ଚ ମାସରେ ଅନୁମୋଦନ ପାଇଁ ଆବେଦନ କରିଥିଲେ। କିନ୍ତୁ ଅମିନ ବିଜୟ ତାଙ୍କ ଫାଇଲ ଉପରେ କୌଣସି କାମ ଆରମ୍ଭ କରି ନ ଥିଲେ। କେବଳ ଦିନ ଗଡ଼ାଇ ଚାଲିଥିଲେ। ଶେଷରେ ଏଥିପାଇଁ ସେ ୩୩ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଯାହା ପରବର୍ତ୍ତୀ ସମୟରେ ୩୦ ହଜାର ଟଙ୍କାରେ ଚୂଡ଼ାନ୍ତ ହୋଇଥିଲା। ଆବେଦନକାରୀ ୧୩ ହଜାର ଟଙ୍କା ଦେବା ପରେ ଏ ନେଇ ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ଶନିବାର ବିଜୟଙ୍କୁ ଧରିଛି ଭିଜିଲାନ୍ସ। ତାଙ୍କଠାରୁ ୧୭ ହଜାର ଟଙ୍କା ଜବତ ହୋଇଛି। ଏହାପରେ ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ବିଜୟଙ୍କ ୨ଟି ଠିକଣାରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି।

## ଶିଶୁଙ୍କ ଦ୍ୱାରା ପାଳିତ ହେଲା ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା




**ବାଲେଶ୍ୱର (ଭିଓଭି) :** ଗତ ଦୁଇ ଦିନ ଧରି ହରୀପ୍ରୀୟା ଇଂରାଜୀ ଭାଷା ବିଦ୍ୟାଳୟର ଶିଶୁ ମାନଙ୍କୁ ନେଇ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ପାଳନ କରାଯାଇଛି । ଏଥିରେ ଗଣିତ ଦୌଡ଼, ଆଳୁଚାମଚ, ୧୦୦ ମିଟର ଦୌଡ, ମ୍ୟୁଜିକ ଚେୟାର, କଲର ବଲ୍ ଇତ୍ୟାଦି ପ୍ରତିଯୋଗିତା କରାଯାଇଥିଲା । ପୂର୍ବତନ ପୌର ଉପାଧ୍ୟକ୍ଷ ମନୋଜ କୁମାର ରାଉତ, ଟ୍ରଷ୍ଟ ମୁଖ୍ୟ କ୍ଷଣପ୍ରଭା ମହାନ୍ତି, ଟ୍ରଷ୍ଟର ସକ୍ରିୟ ସଦସ୍ୟ ଡ଼ଃ ଅମୀୟ କୁମାର ତାଳଦୀ, ଉପସ୍ଥିତ ରହି ଶିଶୁ ମାନଙ୍କୁ ଖେଳିବା ପାଇଁ ଉତ୍ସାହିତ କରିଥିଲେ । କୃତୀ ପ୍ରତିଯୋଗୀମାନଙ୍କୁ ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନୁପ କୁମାର ପରିଡା ସୂଚନା ଦେଇଥିଲେ । ବିଦ୍ୟାଳୟ ର ଶିକ୍ଷୟିତ୍ରୀ ସ୍ୱାଗତିକା ପଣ୍ଡା , ରଶ୍ମିତା ରାଉତ, ସୌଦାମିନି ବେହେରା, ରଚିତା କୋୟଲ ପ୍ରତିଯୋଗିତାର ପରିଚାଳନା କରିଥିଲେ। ଆୟା ନସିମା ଏବଂ ବର୍ଷା ସହଯୋଗ କରିଥିଲେ ।

**ଶ୍ରୀମନ୍ଦିର ସମ୍ପର୍କରେ ବିବାଦୀୟ ବୟାନ**

# ତର୍ଜମା ପରେ ଶୁଭଙ୍କରଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ-ଜିଲ୍ଲାପାଳ





**ପୁରୀ (ଭିଓଭି) :** ଶ୍ରୀମନ୍ଦିର ସମ୍ପର୍କରେ ବିବାଦୀୟ ମନ୍ତବ୍ୟ ଦେଇଥିବା ଲୋକପ୍ରିୟ ସୋସିଆଲ ମିଡିଆ ଇନଫ୍ଲୁଏନ୍ସର ଶୁଭଙ୍କର ମିଶ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ନେଇ ସୂଚନା ଦେଇଛନ୍ତି ପୁରୀ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା। ଜିଲାପାଳ କହିଛନ୍ତି, ଶୁଭଙ୍କରଙ୍କ ମନ୍ତବ୍ୟର ତର୍ଜମା କରାଯାଉଛି। ତାହାର ସତ୍ୟତା ପରୀକ୍ଷାନିରୀକ୍ଷା କରାଯାଉଛି। ସେ ଯଦି ଏଭଳି ମନ୍ତବ୍ୟ ଦେଇଥାଆନ୍ତି ଏବଂ ସେ ନେଇ କମିଟି ରିପୋର୍ଟ ଦିଅନ୍ତି, ତେବେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସୂଚନାଯୋଗ୍ୟ, ଶୁଭଙ୍କର ଏକ ପଡକାଷ୍ଟରେ କହିଥିଲେ ଯେ, ପ୍ରେମୀ ଯୁଗଳ ବିବାହ ପୂର୍ବରୁ ଶ୍ରୀମନ୍ଦିରକୁ ଗଲେ ସେମାନଙ୍କ ସମ୍ପର୍କ ଭାଙ୍ଗିଯାଏ। କୌଣସି ପ୍ରେମୀ ଯୁଗଳ ଭୁଲରେ ବି ଶ୍ରୀମନ୍ଦିରକୁ ଯିବା ଉଚିତ ନୁହେଁ। ସମ୍ପର୍କକୁ ସୁରକ୍ଷିତ ରଖିବାକୁ ଚାହୁଁଥିଲେ ମନ୍ଦିର ଭିତରକୁ ଯିବ ନାହିଁ। କାରଣ ଶ୍ରୀମନ୍ଦିର ଉପରେ ମା' ରାଧାରାଣୀଙ୍କ ଅଭିଶାପ ପଡ଼ିଛି। ଦିନେ ପ୍ରଭୁ ଶ୍ରୀକୃଷ୍ଣଙ୍କ ଜଗନ୍ନାଥ ରୂପ ଦର୍ଶନ ପାଇଁ ମା' ରାଧାରାଣୀ ଶ୍ରୀମନ୍ଦିରରେ ପହଞ୍ଚିଥିଲେ। ସେ ମନ୍ଦିର ଭିତରକୁ ଯିବା ସମୟରେ ସେବାୟତମାନେ ତାଙ୍କୁ ଅଟକାଇଥିଲେ। ଯାହାକୁ ନେଇ ମା' ରାଧାରାଣୀ ରାଗିଯାଇ ଅଭିଶାପ ଦେଇଥିଲେ। କୌଣସି ଅବିବାହିତ ଯୋଡ଼ି ମନ୍ଦିର ଭିତରକୁ ଆସିଲେ ସେମାନଙ୍କ ସମ୍ପର୍କ ଭାଙ୍ଗିଯିବା ସହ ବିବାହ ହୋଇପାରିବ ନାହିଁ ବୋଲି ମା' ଅଭିଶାପ ଦେଇ ସେଠାରୁ ଚାଲିଯାଇଥିଲେ। ଶୁଭଙ୍କରଙ୍କ ଏହି ଭିଡିଓ ସାମାଜିକ ଗଣମାଧ୍ୟମରେ ପ୍ରଘଟ ହେବା ପରେ ରାଜ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ବିଶେଷକରି ପୁରୀରେ ଅସନ୍ତୋଷ ଦେଖାଦେଇଛି। ଶୁଭଙ୍କର କିପରି ଏଭଳି ବିଭ୍ରାନ୍ତିକର ଟିପ୍ପଣୀ ଦେଇପାରିଲେ ତାହାକୁ ନେଇ ପୁରୀବାସୀ ପ୍ରଶ୍ନ ଉଠାଇଛନ୍ତି।




**କୈଳାସ ଚନ୍ଦ୍ର ଶତପଥୀ**

ନିକଟରେ କମିସନରେଟ୍ ପୁଲିସ ପକ୍ଷରୁ ରାଜଧାନୀ ଭୁବନେଶ୍ୱରର ୨୧ଟି ପ୍ରମୁଖ ରାସ୍ତାରେ ଗାଡ଼ି ପାର୍କିଂ ନିଷେଧ କରିଛନ୍ତି। ଭୁବନେଶ୍ୱର-କଟକ ପୁଲିସ କମିସନର୍ ଏସ୍. ଦେବଦତ୍ତ ସିଂହଙ୍କ ଆଦେଶକ୍ରମେ କମିସନରେଟ୍ ପୁଲିସ ପକ୍ଷରୁ ନିକଟରେ ଏହି ନିଷେଧାଦେଶ ଜାରି କରାଯାଇଛି। ଭୁବନେଶ୍ୱରରେ ବିଭିନ୍ନ ପ୍ରମୁଖ ରାସ୍ତାରେ ମନଇଛା ପାର୍କିଂ କାରଣରୁ ଯାନବାହନ ଚଳାଚଳାରେ ବାଧା ସୃଷ୍ଟି ହେଉଛି। ଅଯଥା ଭିଡ଼ ବଢ଼ିବା ସହ ଜନସାଧାରଣ ଅସୁବିଧାରେ ପଡ଼ୁଛନ୍ତି। ଏହା ଲୋକଙ୍କ ସୁରକ୍ଷା ପ୍ରତି ମଧ୍ୟ ସମ୍ଭାବ୍ୟ ବିପଦ ସୃଷ୍ଟି କରୁଥିବାରୁ ଏହାକୁ ଦୃଷ୍ଟିରେ ରଖି ଏହି କଟକଣା ଜାରି କରାଯାଇଥିବା କମିସନରେଟ୍ ପୁଲିସ ପକ୍ଷରୁ କୁହାଯାଇଛି।

ଏହି ପାର୍କିଂ ନୂଆ ନିୟମକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ବିଏମସି ମେୟର ସୁଲୋଚନା ଦାସ। ସେ କହିଛନ୍ତି ବିନା ବ୍ୟବସ୍ଥାରେ ପାର୍କିଂ କଟକଣା ଆଦୌ ଠିକ୍ ନୁହେଁ। ମହାନଗର ନିଗମ ପକ୍ଷରୁ ଅଧିକ ପାର୍କିଂ ସ୍ଥାନ ବଢାଇବୁ ଏବଂ ପ୍ରାଇଭେଟ୍ ପ୍ଲଟ୍ ନେବୁ। ଦୋକାନୀ ଓ ସପିଂ ମଲ୍‌କୁ ପାର୍କିଂ ପ୍ଲେସ୍ କରିବାକୁ ସମୟ ଦେବୁ। ଯେମିତି କେହି କୌଣସି ସମସ୍ୟା ନ ଭୋଗିବେ, ସେମିତି ହିଁ ପଦକ୍ଷେପ ନିଆଯିବ। ଏ ନେଇ କମିଶନରେଟ୍ ପୁଲିସ୍ ସହ ଆଲୋଚନା କରିସାରିଛୁ ବୋଲି କହିଛନ୍ତି ମେୟର।

ଅନ୍ୟପଟେ ମଲ୍ ମାନଙ୍କରେ ମାଗଣା ପାର୍କିଂ ପାଇଁ ନିୟମ ଥିବା ବେଳେ ରାଜଧାନୀ ରସୁଲଗଡ଼ ନିକଟ ଏକ ର ନାମୀ ମଲ୍ ରେ ଏବେ ଜୋର୍ ଜବରଦସ୍ତ ପାର୍କିଂ ଫିସ୍ ଆଦାୟ କରୁଥିବାର ଅଭିଯୋଗ ମଧ୍ୟ ଆସୁଛି।

ପାର୍କିଂକୁ ନେଇ ଏମିତି ଛକାପଞ୍ଝା ଚାଲିଥିବା ବେଳେ ବିଶେଷ କରି ରାଜଧାନୀର ହସ୍ପିଟାଲ୍ ନିକଟରେ ପାର୍କିଂକୁ ନେଇ ଲୋକେ ଭୋଗୁଛନ୍ତି ନାହିଁ ନଥିବା ଯନ୍ତ୍ରଣା। ବିଭିନ୍ନ ବେସରକାରୀ ଓ ସରକାରୀ ଡାକ୍ତରଖାନାରେ ଏବେ ପାର୍କିଂ ସମସ୍ୟା ଅତ୍ୟନ୍ତ ଗୁରୁତର।

ବେସରକାରୀ ବା ପ୍ରାଇଭେଟ୍ ହସ୍ପିଟାଲଲ୍'ରେ ଗାଡି ପାର୍କିଂ ଏକ ମୁଖ୍ୟ ସମସ୍ୟା ଭାବରେ ଉଭାହେଇଛି। ରୋଗ ଯନ୍ତ୍ରଣାଠୁ ଗାଡି ପାର୍କିଂ ଚିନ୍ତା ଏବେ ସଭିଙ୍କର ମୁଣ୍ଡବିନ୍ଧାର କାରଣ ହେଲାଣି। ଦିନକୁ ଦିନ ନୂଆ ନୂଆ ରୋଗ ବଢିବା ସହିତ ପ୍ରାଇଭେଟ୍ ହସ୍ପିଟାଲ କର୍ତ୍ତୃପକ୍ଷ ନିଜର ବିଭାଗ, ବିଲ୍ଡିଙ୍ଗ୍ ବେଡ୍ ଓ ଡାକ୍ତର ସଂଖ୍ୟା ବଢାଇ ଚାଲିଛନ୍ତି। ଏହାଦ୍ୱାରା ଆମେ ସାଧାରଣ ଜନତା ଉପକୃତ ହେଉଛୁ ସତ କିନ୍ତୁ ହସ୍ପିଟାଲ୍ ତାର ରୋଜଗାରକୁ ଦ୍ୱିଗୁଣିତ କରିପାରିଛି। ଏବେ ସ୍ୱାସ୍ଥ୍ୟ ସଚେତନତା ବଢିଛି, ସେଥିସହିତ ପଇସା ନଥିବା ଏବଂ ସାଧାରଣ ରୋଜଗାର କରୁଥିବା ବ୍ୟକ୍ତିଟି ମଧ୍ୟ ତାର ସୁନା-ଗହଣା ବିକ୍ରି କରି ଚିକିତ୍ସିତ ହେବାପାଇଁ ବଡ ଓ ଭଲ ପ୍ରାଇଭେଟ୍ ହସ୍ପିଟାଲରେ ଆସିବାକୁ ଚାହୁଁଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମଧ୍ୟ ଆର୍ଥିକ ଦୁର୍ବଳ ଶ୍ରେଣୀଙ୍କ ପାଇଁ ପ୍ରାଇଭେଟ୍ ହସ୍ପିଟାଲ୍-ମାନଙ୍କରେ ବିଭିନ୍ନ ଯୋଜନା ମାଧ୍ୟମରେ ମାଗଣା ଚିକିତ୍ସା ସେବା ବ୍ୟବସ୍ଥା କରିଛନ୍ତି। ଏହିସବୁ କାରଣରୁ ଆଜିକାଲି ପ୍ରାଇଭେଟ୍ ହସ୍ପିଟାଲ୍ ମାନଙ୍କରେ ଅସମ୍ଭାଳ ଭିଡ ହେଉଛି।

ହସ୍ପିଟାଲ୍ ଭିତରେ ରୋଗୀ ଓ ସମ୍ପର୍କୀୟମାନଙ୍କ ଭିଡ ଆଉ ହସ୍ପିଟାଲ ବାହାରେ ଯାନବାହାନ ଭିଡ। ଭିତରର ଭିଡକୁ ନିୟନ୍ତ୍ରଣ କରିବା ପାଇଁ ହସ୍ପିଟାଲ୍ କର୍ତ୍ତୃପକ୍ଷ କର୍ମଚାରୀମାନଙ୍କ ମାଧ୍ୟମରେ ବ୍ୟବସ୍ଥା କରୁଥିବା ବେଳେ ବାହାରର ଯାନବାହାନ ଭିଡ ପାଇଁ ସେମାନଙ୍କର ନିଘା ନାହିଁ କହିଲେ ଚଳେ। ହସ୍ପିଟାଲ୍‌କୁ ଆସୁଥିବା ଗାଡି ଅନୁସାରେ ପାର୍କିଂ ସ୍ଥାନ ଯଥେଷ୍ଟ ନାହିଁ।

ଭୁବନେଶ୍ୱରରେ ଅବସ୍ଥିତ ଆପୋଲୋ ହସ୍ପିଟାଲ୍, ମନିପାଲ୍ (ପୂର୍ବରୁ ଆମ୍ରି) ହସ୍ପିଟାଲ୍, କେୟାର ହସ୍ପିଟାଲ, ଉତ୍କଳ ହସ୍ପିଟାଲ, ସହିଦନଗର ନିକଟ ସ୍ୱର୍ଣ୍ଣ ଓ ଜଗନ୍ନାଥ ହସ୍ପିଟାଲ ଅଞ୍ଚଳରେ ଥରେ ଯାଇ ବୁଲି ଆସିଲେ ଜଣେ ସହଜରେ ବୁଝିପାରିବ ଓ ଅନୁଭବ କରି ପାରିବ ଗାଡ଼ି ଆଣି ଆସିଥିବା ରୋଗୀଙ୍କ ସମ୍ପର୍କୀୟ ଓ ଡ୍ରାଇଭର୍ ମାନଙ୍କର ଯନ୍ତ୍ରଣା କେତେ ଅଧିକ। ଏଠାରେ ଉଦାହରଣ ସ୍ୱରୂପ ଆପୋଲୋ ହସ୍ପିଟାଲ୍'ର ପାର୍କିଂ ସ୍ଥିତି ବିଷୟରେ ପାଠକ ଓ ପ୍ରଶାସନର




ଅବଗତି ନିମନ୍ତେ ଉପସ୍ଥାପନା କରୁଅଛୁ।

ଆପୋଲୋ ଗ୍ରୁପର ଏହି ୪୯ତମ ଅତ୍ୟାଧୁନିକ ହସ୍ପିଟାଲ୍ ଟି ୨୦୧୦ ମସିହା ମାର୍ଚ୍ଚ ୫ ତାରିଖ ଦିନ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦ୍ଘାଟିତ ହୋଇଥିଲା। ଏହି ହସ୍ପିଟାଲ୍ ରେ ସେତେବେଳେ ୩୫୦ ବେଡ୍, ୬୪ ଆଇ.ସି.ୟୁ ବେଡ୍ ଥିଲା। ଆଜି ରୋଗୀ ସେବା କ୍ଷେତ୍ରରେ ଆପୋଲ୍ ହସ୍ପିଟାଲ ଏକ ଈର୍ଷଣୀୟ ନାମ। ଏଠାରେ ଥିବା ପାର୍କିଂ ବ୍ୟବସ୍ଥାର ସ୍ଥିତି ଗ୍ରାଉଣ୍ଡ ଜିରୋରେ ଯାଇ ଆମ ଟିମ୍ ଅନୁଧ୍ୟାନ କରିଥିଲା। ରୋଗୀର ସମ୍ପର୍କୀୟ ରୋଗୀକୁ ଆଣି ହସ୍ପିଟାଲର ଅଭ୍ୟର୍ଥନା ସ୍ଥଳ ବା ମୁଖ୍ୟ ଫାଟକ ସାମ୍ନାରେ ଛାଡ଼ିଦେବା ପରେ, ଗାଡ଼ି ପାର୍କିଂ ପାଇଁ ସ୍ଥାନ ନପାଇ ବାହାରକୁ ଯାଇ ଏକ ରୁ ଦୁଇ କି.ମି ଦୂରରେ ଗାଡ଼ି ରଖି ଚାଲିଚାଲି ଆସି ରୋଗୀ କଥା ବୁଝିବା ବେଳକୁ ଅଧଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଲାଗିଥାଏ। ତୁରନ୍ତ ଚିକିତ୍ସା ଚାହୁଁଥିବା କିମ୍ୱା ବୟସାଧିକ ରୋଗୀମାନେ ସେହି ସମୟରେ ହସ୍ପିଟାଲରେ ପହଞ୍ଚି ସାରିଥିଲେ ମଧ୍ୟ ଉପଯୁକ୍ତ ଚିକିତ୍ସା ବା ଯତ୍ନ ପାଇବାରୁ ବଞ୍ଚିତ ହୋଇଥାନ୍ତି କେବଳ ପାର୍କିଂ ସମସ୍ୟା ପାଇଁ।


ହସ୍ପିଟାଲ୍ ଭିତରେ ସାଧାରଣ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ପାର୍କିଂ ସ୍ଥଳ ଓ କର୍ମଚାରୀଙ୍କ ମାନଙ୍କ ପାଇଁ ଥିବା ସ୍ୱତନ୍ତ୍ର ପାର୍କିଂ ସ୍ଥଳ ରେ ଅତି ବେଶୀରେ ୧୦୦ ଖଣ୍ଡ ଗାଡ଼ି ରଖିବାର କ୍ଷମତା ଥିବା ବେଳେ ତା'ଠାରୁ କାହୁଁ କେତେ ଗୁଣା ଅଧିକ ଗାଡ଼ି ଆସି ଏଠାରେ ପହଞ୍ଚିଥାଏ। ହସ୍ପିଟାଲକୁ ଯିବା ବାଟରେ ଆଚାର୍ଯ୍ୟ ବିହାର ନିକଟରେ ଥିବା ପଠାଣି ସାମନ୍ତ ପ୍ଲାନେଟୋରିୟମ ପରଠାରୁ ଦୀର୍ଘ ଦୁଇ କିଲୋମିଟର ପର୍ଯ୍ୟନ୍ତ ସୈନିକ ସ୍କୁଲ ଛକ ଓ ହସ୍ପିଟାଲ ବାମ ପାର୍ଶ୍ୱରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦକୁ ଯାଇଥିବା ରାସ୍ତାର ଦୁଇ କଡରେ, ପ୍ରାୟ ଦୂରଦର୍ଶନ କେନ୍ଦ୍ର ପର୍ଯ୍ୟନ୍ତ ବିପଦପୂର୍ଣ୍ଣ ଓ ବେନିୟମ ଭାବେ ରୋଗୀର ସମ୍ପର୍କୀୟ ମାନେ, କୌଣସି ଉପାୟ ଓ ବିକଳ୍ପ ନପାଇ ନିଜ ନିଜର ମୂଲ୍ୟବାନ ଗାଡ଼ି ସବୁକୁ ପାର୍କିଂ କରି ଦେଇଥାନ୍ତି। ଅନେକ ସମୟରେ ସାଧାରଣ ଜନତା ଏହି ବେନିୟମ ପାର୍କିଂ ଯୋଗୁ ରାସ୍ତାରେ ନାହିଁ ନଥିବା ଟ୍ରାଫିକ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଗାଡ଼ି ମାଲିକମାନେ ବି ଅନେକ ସମୟରେ ବେନିୟମ ପାର୍କିଂ ପାଇଁ ପ୍ରଶାସନିକ କଟକଣା ସମ୍ମୁଖୀନ ହୋଇ ମୋଟା ଅଙ୍କର ଜୋରିମାନା ଦେଇଥାନ୍ତି। କେତେବେଳେ ଟ୍ରାଫିକ୍ ପୋଲିସ୍ ନେଇ



ଯାଇଥିବା ଗାଡ଼ିକୁ ଫାଇନ ଦେଇ ମୁକୁଳାଇ ଆଣିଥାନ୍ତି।

**ଏଥିପାଇଁ ଦାୟୀ କିଏ ?**

ହସ୍ପିଟାଲ କର୍ତ୍ତୃପକ୍ଷ, ଗାଡ଼ି ମାଲିକ ନା ପୋଲିସ ? ଗତବର୍ଷ ହୋଇଥିବା ବି.ଏମ୍.ସି ମିଟିଙ୍ଗ୍ ରେ ଏସବୁ ପାର୍କିଂ ସମସ୍ୟା ବିଷୟରେ ଆଲୋଚନା ହୋଇ ୧୭ଟି ପଇସାଦିଆ (ପେଡ୍) ପାର୍କିଂ ପାଇଁ ନୂଆ ସ୍ଥାନ ବଛାଯାଇଥିଲା। କିନ୍ତୁ ତାହା କେତେଦୂର କାର୍ଯ୍ୟକାରୀ ହୋଇଛି ତାହା ସମସ୍ତଙ୍କୁ ଜଣା। ବୁଦ୍ଧିଜୀବୀମାନେ ମତ ଦିଅନ୍ତି, ହସ୍ପିଟାଲ୍ କାହିଁକି ନିଜର ଜାଗା ଥିବା ସତ୍ତ୍ୱେ ଏକ ଅତ୍ୟାଧୁନିକ ପାର୍କିଂ ସ୍ଥଳ ନିର୍ମାଣ କରୁନାହିଁ। ବିଲ୍ଡିଂ ଓ ବେଡ୍ ସଂଖ୍ୟା ବଢାଇବା ଭଳି ପାର୍କିଂ ସ୍ଥାନ ମଧ୍ୟ ବଢ଼ାଇବା ଉଚିତ୍। ଉଦାହରଣ ଭାବେ ଯଦି ଦେଖିବା ଚେନ୍ନାଇ ସହରରେ ଥିବା ଆପୋଲୋ ଗ୍ରୁପ୍‌ର ପ୍ରଥମ ହସ୍ପିଟାଲ୍‌ରେ ଟ୍ରାଫିକ ଓ ପାର୍କିଂ ସମସ୍ୟାକୁ ନଜରରେ ରଖି ୨୦୧୮ ମସିହାରେ ୪୩ କୋଟି ବ୍ୟୟରେ ଚାରି ହଜାର ବର୍ଗଫୁଟ ଅଞ୍ଚଳରେ ସାତ ମହଲା ବିଶିଷ୍ଟ (ସମୁଦାୟ ପଚିଶ ହଜାର ବର୍ଗଫୁଟ୍) ଅଟୋମେଟିକ୍ ବହୁତଳ ବିଶିଷ୍ଟ ଯାନବାହାନ ପାର୍କିଂ ସ୍ଥଳ ନିର୍ମାଣ କରିଛି। ସ୍ୱୟଂଚାଳିତ ରୋବୋଟିକ ଜ୍ଞାନ କୌଶଳରେ ଏହା ନିର୍ମିତ ହୋଇଛି। ଏଥିରେ ଏକା ସାଙ୍ଗରେ ୨୫୦ଟି ଚାରିଚକିଆ ଓ ୨୦୦୦ଟି ଦୁଇଚକିଆ ଯାନ ନିର୍ଦ୍ୱନ୍ଦ୍ୱରେ ପାର୍କିଂ ହୋଇପାରୁଛି। ଏହି ଚାରି ହଜାର ବର୍ଗଫୁଟ ଜାଗା ପାଇଁ ବାର୍ଷିକ ୪୮ ଲକ୍ଷ ଟଙ୍କା ଲିଜ୍ ଭଡ଼ା ଆକାରରେ ଆପୋଲୋ କର୍ତ୍ତୃପକ୍ଷ ଚେନାଇ ମ୍ୟୁନିସପାଲ୍ କର୍ପୋରେସନକୁ ମଧ୍ୟ ଦେଉଛନ୍ତି। ଭୁବନେଶ୍ୱରରେ କଣ ବି.ଏମ୍.ସି ଓ ଆପୋଲୋ ହସ୍ପିଟାଲ୍ କର୍ତ୍ତୃପକ୍ଷ ମିଳିତ ଭାବରେ ଏଭଳି ଏକ ଅତ୍ୟାଧୁନିକ ପାର୍କିଂ ସ୍ଥଳୀ ନିର୍ମାଣ କରିବାକୁ ଅକ୍ଷମ ନା ସେଥିପାଇଁ ଆଗ୍ରହ ନାହିଁ ? ବି.ଏମ୍.ସି, ରାଜ୍ୟ ସରକାର ଓ ଆପୋଲୋ ସମେତ ସବୁ ପ୍ରାଇଭେଟ୍ ହସ୍ପିଟାଲ୍ କର୍ତ୍ତୃପକ୍ଷ ଏ ଗମ୍ଭୀର ସମସ୍ୟାର ତୁରନ୍ତ ସମାଧାନ କରିବାକୁ ପ୍ରବଳ ଦାବି ହେଉଛି। ସମସ୍ୟାର ସମାଧାନ ହେଲେ ରୋଗୀ ହନ୍ତସନ୍ତରୁ ରକ୍ଷା ପାଇବା ସହିତ ସରକାର ମଧ୍ୟ ଭଲ ରାଜସ୍ୱ ଉପାର୍ଜନ କରିପାରନ୍ତେ। ଅନ୍ୟପଟେ ରାଜଧାନୀରେ ଆବଶ୍ୟକୀୟ ପାର୍କିଂ ସ୍ଥଳ ନଥିବା ବେଳେ କମିଶନରେଟ ପୋଲିସର ପାର୍କିଂ ନିଷେଧ ଭଳି ନୂଆ ନିୟମକୁ ନେଇ ଏବେ ସାଧାରଣ ଜନତା, ପରିବହନ ସେବା ଯୋଗାଉଥିବା ବେସରକାରୀ ସଂସ୍ଥାର ଗାଡ଼ି ଚାଳକ, ବ୍ୟବସାୟ ପ୍ରତିଷ୍ଠାନ ଇତ୍ୟାଦିର ମାଲିକମାନେ ଚିନ୍ତାରେ ପଡ଼ିଛନ୍ତି।



# ସଂପାଦକୀୟ

## ଚଣା ଶାଗ

ଆଉ ସେକାଳ ନାହିଁ, ଏବେ ସେସବୁ କଥା ଭାବିଲେ ମଧ୍ୟ ବିଶ୍ୱାସ କରିହେଉନି। ଦିନ ଥିଲା ଚଣା ଗରିବର ଖାଦ୍ୟ ଭାବେ ଗଣା ହେଉଥିଲା। ଯେଉଁମାନେ ମୁଗ, ହରଡ଼, ବୁଟ ଡାଲି ଇତ୍ୟାଦି କିଣି ଖାଇ ପାରୁନଥିଲେ ସେମାନେ ଶସ୍ତା ହେତୁ ଚଣା ଡାଲି ଖାଉଥିଲେ। ବର୍ଷାଦିନେ ମଟର, ବୁଟ, ବାଦାମ ଭଜା କିଣି ଖାଇ ପାରୁନଥିବା ଲୋକମାନେ ଚଣା, ଶିମ୍ବ ଓ କୋଳଥ ମଞ୍ଜି ଭଜା ଖାଇ କାମ ଚଳେଇ ଦେଉଥିଲେ। ଏମିତି ଥିଲା ଶସ୍ତା ମହଙ୍ଗା ଭିତ୍ତିରେ ଚଣା ଖାଇବାର ସଭିଙ୍କର ଅଭ୍ୟାସ।

ଏବେ ଆସିବା ଓକିଲାତି ବୃତ୍ତି ସହିତ ଚଣାଖିଆର ସମ୍ପର୍କ । ପିଲାବେଳୁ ମୁଁ ଅନେକଙ୍କ ମୁହଁରୁ ଶୁଣିଛି ଚଣାଖିଆ ଓକିଲ । ଓକିଲାତି ବୃତ୍ତି ସହିତ ଚଣାର ପୁଣି କି ସମ୍ପର୍କ ? ଅତି ନିବିଡ଼ ସମ୍ପର୍କ । ଆଦ୍ୟ ଓକିଲାତି ବା ବୃତ୍ତି ଆରମ୍ଭ କରୁଥିବା ସମୟରେ ସମସ୍ତେ ଚଣା ଖିଆ ଓକିଲ ବୋଲି କହି ଥଟ୍ଟା କରନ୍ତି । ସତେ ଯେମିତି ଚଣା ଏକ ନିକୃଷ୍ଟ ଖାଦ୍ୟ ବିଶେଷ। କିନ୍ତୁ ଥରେ ଜଣେ ଭଲ ଓକିଲ ଭାବରେ ନିଜକୁ ପ୍ରତିଷ୍ଠିତ କରାଇ ଦେବାପରେ ଆଉ କେହି ଚଣା ଖିଆ କଥା କହିବାକୁ ସାହସ କରନ୍ତିନି । ଜନ ମାନସରେ ଏପରି ଆଦୃତିର କାରଣ ହେଉଛି ଏତେ କମ୍ ଦିନର ଅଭିଜ୍ଞତା ସହିତ ଅଳ୍ପ ରୋଜଗାର କରୁଥିବା ଓକିଲଟି ମକଦ୍ଦମାଟିକୁ ଠିକ୍ ଭାବରେ ପରିଚାଳିତ କରିପାରିବ ତ ?



କିଛି ଦିନ ତଳେ ଗାଁ'କୁ ଆସି ଚାନ୍ଦପୁର (ଟାଙ୍ଗି) ଯିବା ସମୟରେ ବାଟରେ ଦେଖିଥିଲି ଜଣେ ନିଶୁଆ ମଉସା (ଫଟୋ ସଂଲଗ୍ନ), ଯିଏକି ନିଜ ବିଲରେ ବୁଣିଥିବା ଚଣା-ଶାଗ ଆଣି ବିକୁଥିଲେ କିଲୋପ୍ରତି ୧୪୦ ଟଙ୍କା ଦରରେ । ମୁଁ ଭାରି ଖୁସିରେ କିଲେ କିଣିଦେଲି । କାରଣ ଭୁବନେଶ୍ୱରରୁ ଆସିବା ସମୟରେ ଖୋର୍ଧା ସାରୁଅ ଛକ ପାଖରୁ ୨୫୦ ଗ୍ରାମ୍ କୁ ୪୦ ଟଙ୍କା ଦେଇ କିଣିକି ଆଣିଥିଲି। ଚଣା-ଶାଗ ବିକୁଥିବା ସେ ମଉସାଙ୍କୁ ପଚାରିଥିଲି ଶାଗର ଦାମ ଏତେ ଅଧିକ କାହିଁକି ? ସେ କହିଲେ ବାପାରେ ଚଣା ଆଉ କିଏ କଣ ବିଲରେ ଛାଟୁଛନ୍ତି ? ମୁଁ ଅଭାବି ହେତୁ ଚଣା ଦୁଇଟି କିଆରିରେ ଛାଟି ଚଣା-ଶାଗ ଆଣି ବିକୁଛି । ଯଦି ସମସ୍ତେ ନିଜ ନିଜ ବିଲରେ ଚଣା ଛାଟନ୍ତେ ତେବେ ଏତେ ଦାମ କାହିଁକି ହୁଅନ୍ତା ? ଆଉ ମୁଁ କୁଆଡେ ଏଠି ବସି ଶାଗ ବିକୁଥାନ୍ତି ? ସବୁଠାରୁ ରୋଚକ କଥାଟି ମଉସା କହିଥିଲେ, ଯେ ତୋ ଭଳି କାରରେ ଯିବା ଆସିବା କରୁଥିବା ଲୋକମାନେ ହିଁ ମୋର ବଡ ଗରାଖ, ଅର୍ଥାତ୍ ଚଣା ବା ଚଣା-ଶାଗ ଆଉ ଗରିବ ଲୋକଙ୍କର ଖାଦ୍ୟ ହୋଇ ନାହିଁ । ଶହେ, ଦେଢଶ ଟଙ୍କା ଦେଇ ସାଧାରଣ ଲୋକଟିଏ ଆଉ ଚଣା-ଶାଗ କୋଉଠୁ ଖାଇବ ? ସରକାର ଦେଉଥିବା ମାଗଣା ଚାଉଳ, ଗହମକୁ ପରିବାର ଯାକ ଖାଇକି ବଳୁଛି ଯେ ବିକା ହେଉଛି । ସୁତରାଂ କହିବାର ତାତ୍ପର୍ଯ୍ୟ ଏଇଆ ଯେ, ଚଣା ଆଉ ଗରିବର ଖାଦ୍ୟ ହୋଇକି ନାହିଁ । ତେଣୁ ଆଉ ଓକିଲଙ୍କୁ ଚଣା ଖିଆ ଓକିଲ ବୋଲି କେହି ବୋଧେ ଆଉ କହିବେ ନାହିଁ । ମୁଁ କିନ୍ତୁ କାଲି ଚଣା-ଶାଗ ଖାଇ ଗର୍ବରେ ଓ ଖୁସିରେ ମନେ ମନେ କହିଲି 'ହଁ, ମୁଁ ଜଣେ ଚଣା ଖିଆ ଓକିଲ' । ସମସ୍ତେ ଚଣାକୁ ବିଲ ଓ ବାଡ଼ିରେ ବୁଣି ପ୍ରଚୁର ଶାଗ ଖାଆନ୍ତୁ ଓ ସୁସ୍ଥ ରୁହନ୍ତୁ ।

**ଆପଣଙ୍କ ଅଭିଯୋଗ, ସମସ୍ୟା ଓ ମତାମତକୁ ପ୍ରମାଣ ସହ ପଠାନ୍ତୁ । ବିଶେଷ ପୃଷ୍ଠା ନିମନ୍ତେ ଲେଖା ମଧ୍ୟ ପଠାଇ ପାରିବେ।**

ମୋବାଇଲ (ହ୍ୱାଟସ୍ଆପ୍) : ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ : କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

# ମିସ୍ଇନ୍ଫରମେସନ୍ ବନାମ ଡିସ୍ଇନ୍ଫରମେସନ୍

# ମିଥ୍ୟା ଖବରର ମାରାତ୍ମକତା



ଶତ୍ରୁଜିତ୍

ସମାଜର ଚତୁର୍ଥ ସ୍ତମ୍ଭ ଭାବେ ପରିଚିତ ଗଣମାଧ୍ୟମର କାମ ହେଲା, ସତ୍ୟ ଓ ନିରପେକ୍ଷ ସମ୍ବାଦ ପରିବେଷଣ କରିବା। କିନ୍ତୁ ଏଇ ଦାୟିତ୍ୱ ନିର୍ବାହ କରିବାରେ ଏବକାର ମୁଖ୍ୟସ୍ରୋତର ଗଣମାଧ୍ୟମ କେତେଦୂର ନିଷ୍ଠାପର ଭାବେ କାର୍ଯ୍ୟ କରୁଛି, ତାହାକୁ ନେଇ ସମସ୍ତେ ସନ୍ଦେହରେ। ପରିସ୍ଥିତି ଏପରି ହୋଇଗଲାଣି ଯେ, ଏବେ ଠିକ୍ ଓ ତଥ୍ୟପୂର୍ଣ୍ଣ ଖବରଟିଏ ପରିବେଷଣ ହୋଇଥିଲେ ମଧ୍ୟ ତାକୁ ନେଇ ଅଙ୍ଗୁଳି ଉଠାଯାଉଛି। ମିଛୁଆ ରାଧୁଆ ଗପର ଚରିତ୍ର ରାଧୁଆର ସତକଥାଟିକୁ ମଧ୍ୟ ଯେମିତି ଗାଁ ଲୋକେ ବିଶ୍ୱାସ କରିନଥିଲେ, ଏବେ ଗଣମାଧ୍ୟମର ସ୍ଥିତି ସେଭଳି ହୋଇଗଲାଣି। ସେଥିରେ ପୁଣି ପରିସ୍ଥିତିକୁ ଅଧିକ ଗୁରୁତର କରିଛି, ବୃତ୍ତି ପ୍ରତି ନିଷ୍ଠା ନଥିବା ଅନେକ ନ୍ୟସ୍ତସ୍ୱାର୍ଥ ଲୋକଙ୍କ ଉପସ୍ଥିତି।

ଇଏ ତ ଗଲା, ମୁଖ୍ୟସ୍ରୋତର ଗଣମାଧ୍ୟମର ସ୍ଥିତି। ସାମାଜିକ ଗଣମାଧ୍ୟମର ଉପସ୍ଥିତି ପରିସ୍ଥିତିକୁ ଆହୁରି ଗୁରୁତର କରିଛି। ଖବର ପରିବେଷଣ ଆଳରେ ଭୁଲ୍, ମିଥ୍ୟା ଓ ବ୍ୟକ୍ତିଗତ ଆକ୍ରୋଶମୂଳକ ଖବର ପରିବେଷଣ ପାଇଁ ଏବେ ସାମାଜିକ ଗଣମାଧ୍ୟମକୁ ବ୍ୟବହାର କରାଯାଉଛି। ମୁଖ୍ୟସ୍ରୋତର ଗଣମାଧ୍ୟମ ପାଇଁ କିଛି ନୀତିନିୟମ ରହିଥିବା ଓ କିଛି ବୃତ୍ତିଗତ ତାଲିମ ନେଇଥିବା ଲୋକଙ୍କ ଉପସ୍ଥିତି ଥିବାରୁ ସେମାନେ ଅନ୍ତତଃପକ୍ଷେ ଲକ୍ଷ୍ମଣରେଖା ପାର ହେବା ବେଳକୁ କିଛିକ୍ଷଣ ଭାବୁଛନ୍ତି। କିନ୍ତୁ ସାମାଜିକ ଗଣମାଧ୍ୟମରେ କୌଣସି ନିୟନ୍ତ୍ରଣ ନାହିଁ। ଯିଏ ଯାହା ପାରିଲା, ମନଇଚ୍ଛା ପରିବେଷଣ କଲା। ସବୁଠୁ ଅଧିକ କ୍ଷତିକାରକ ହୋଇଛି, ରାଜନୈତିକ ନେତୃବୃନ୍ଦଙ୍କ ବିରୋଧରେ ସାମାଜିକ ଗଣମାଧ୍ୟମକୁ ବ୍ୟବହାର କରି ମିଥ୍ୟା ବା ଅସତ୍ୟ ଖବର ପରିବେଷଣ।

ପ୍ରତ୍ୟେକ ବର୍ଷ ନଭେମ୍ବର ୧୬ ତାରିଖ ଦିନ 'ଭାରତୀୟ ଗଣମାଧ୍ୟମ ପରିଷଦ' (ପ୍ରେସ କାଉନସିଲ ଅଫ୍ ଇଣ୍ଡିଆ ବା (ପିସିଆଇ)ର ଜନ୍ମଦିନକୁ 'ଜାତୀୟ ଗଣମାଧ୍ୟମ ଦିବସ' ଭାବେ ପାଳନ କରାଯାଇଥାଏ। ଏହି ଦିବସ ପାଳନ ପାଇଁ ପିସିଆଇ ପକ୍ଷରୁ ଏକ ପ୍ରସଙ୍ଗ ବା ଥିମ୍ ସ୍ଥିର କରାଯାଇଥାଏ। ଚଳିତ ବର୍ଷର ପ୍ରସଙ୍ଗର ଶୀର୍ଷକ ରହିଥିଲା 'କ୍ରମବର୍ଦ୍ଧିଷ୍ଣୁ ମିଥ୍ୟା ଖବର ପରିପ୍ରେକ୍ଷୀରେ ଗଣମାଧ୍ୟମର ବିଶ୍ୱସନୀୟତାର ସୁରକ୍ଷା' (Safe-guarding Press Credibility Amidst Rising Misinformation) । ଇଂରାଜୀ ଭାଷାରେ ମିଥ୍ୟା ଖବର ପାଇଁ ପାଇଁ ଦୁଇଟି ଶବ୍ଦ ବ୍ୟବହାର କରାଯାଇଥାଏ- Misinformation ଏବଂ Disinformation । ମିସ୍ଇନ୍ଫରମେସନ୍‌ର ଅର୍ଥ ହେଲା, ଯେଉଁ ମିଥ୍ୟା ବା ଭୁଲ୍ ଖବରକୁ ମନ୍ଦ ଉଦ୍ଦେଶ୍ୟ ନଥାଇ ନିଜ ଅଜାଣତରେ ଠିକ୍ ବୋଲି ଭାବି ପରିବେଷଣ କରାଯାଏ। ଅନ୍ୟ ପକ୍ଷରେ ଡିସ୍ଇନ୍ଫରମେସନ୍‌ର ଅର୍ଥ ହେଲା, ଯେଉଁ ମିଥ୍ୟା ବା ଭୁଲ୍ ଖବରକୁ ମନ୍ଦ ଉଦ୍ଦେଶ୍ୟରେ ବା ଉଦ୍ଦେଶ୍ୟ ପ୍ରଣୋଦିତ ଭାବେ ପ୍ରଚାର, ପ୍ରସାର କରାଯାଇଥାଏ। ମିସ୍ଇନ୍ଫରମେସନ୍‌ଠାରୁ ଡିସ୍ଇନ୍ଫରମେସନ୍ ଅଧିକ ମାରାତ୍ମକ।

ଉଦାହରଣ ଦେଲେ, ଉଭୟ ଶବ୍ଦର ପ୍ରୟୋଗ ବୁଝିହେବ। ମିସ୍ଇନ୍ଫରମେସନ୍‌ର ସଦ୍ୟତମ ଉଦାହରଣ ହେଲା- ବଲିଉଡ୍ ହି-ମ୍ୟାନ୍ ଧର୍ମେନ୍ଦ୍ରଙ୍କ ମୃତ୍ୟୁ ସମ୍ପର୍କିତ ଖବର। ଧର୍ମେନ୍ଦ୍ରଙ୍କୁ କ୍ଷତି ପହଞ୍ଚାଇବା ପାଇଁ ଏ ଖବର ପରିବେଷଣ କରାଯାଇନଥିଲା। ନିଜ ଅଜାଣତର ଭୁଲ୍‌ରେ ଏଭଳି ଘଟିଥିଲା। ଅବଶ୍ୟ ଏଥିପାଇଁ ସମଗ୍ର ଗଣମାଧ୍ୟମ ଜଗତ ନିନ୍ଦିତ ହେଲା ଏବଂ ଧର୍ମେନ୍ଦ୍ରଙ୍କ ଅଭିନେତା ପୁଅ ସନ୍ନି ଦେଓଲଙ୍କ ବିଷୋଦ୍‌ଗାରର ଶିକାର ହେଲା।

ଅନ୍ୟପକ୍ଷରେ ଡିସ୍ଇନ୍ଫରମେସନ୍‌ର ଶହଶହ ଉଦାହରଣ ଆମେ ପ୍ରତିଦିନ ଦେଖୁଛୁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କଠାରୁ ଆରମ୍ଭ କରି ଭାରତବର୍ଷର ଅନେକ ରାଜନୈତିକ ନେତା ପ୍ରତ୍ୟେକ ଦିନ ଡିସ୍ଇନ୍ଫରମେସନ୍‌ର ଶିକାର ହେଉଛନ୍ତି। ସଦ୍ୟ ଅନୁଷ୍ଠିତ ନୂଆପଡ଼ା ବିଧାନସଭା ଆସନ ଉପନିର୍ବାଚନ ସମୟରେ ରାଜ୍ୟର ବିଭିନ୍ନ ଦଳର ନେତୃବୃନ୍ଦଙ୍କ ନାଁରେ ମଧ୍ୟ ଏଭଳି କରାଯାଇଥିଲା। ଏଭଳି କରିବାର ଉଦ୍ଦେଶ୍ୟ ଘୃଣା ବଣ୍ଟନ କରିବା, ଜନସାଧାରଣଙ୍କୁ ବିଭ୍ରାନ୍ତ କରିବା। ଏହା ଅସଲ ଗଣମାଧ୍ୟମର କାମ ନୁହେଁ। କିନ୍ତୁ ସାମାଜିକ ଗଣମାଧ୍ୟମକୁ ଏଥିପାଇଁ ବ୍ୟବହାର କରାଗଲା।

ଦୁଃଖର କଥା ପିସିଆଇ ଏ ବର୍ଷର ଜାତୀୟ ଗଣମାଧ୍ୟମ ଦିବସ ପାଳନ ପାଇଁ ଯେଉଁ ଥିମ୍ ରଖିଥିଲା, ସେଥିରେ କେବଳ ମିସ୍ଇନ୍ଫରମେସନ୍ କଥା ଦର୍ଶାଇଛି, ଡିସ୍ଇନ୍ଫରମେସନ୍ କଥା ଉଲ୍ଲେଖ ନାହିଁ; ଯଦିଓ ମିସ୍ଇନ୍ଫରମେସନ୍‌ଠାରୁ ଡିସ୍ଇନ୍ଫରମେସନ୍ ଅଧିକ ମାରାତ୍ମକ। ସମ୍ଭବତଃ ସରକାରୀ ଅନୁଷ୍ଠାନ ହୋଇଥିବାରୁ ପିସିଆଇ ଜାଣିଶୁଣି ଡିସ୍ଇନ୍ଫରମେସନ୍‌କୁ ଏଡ଼ାଇ ଦେଇଛି। କାରଣ କ୍ଷମତାରେ ଥିବା ରାଜନୈତିକ ଦଳଗୁଡ଼ିକ (ରାଜ୍ୟସ୍ତରରେ ହେଉ କି ଜାତୀୟ ସ୍ତରରେ ହେଉ) ଅଧିକ ମାତ୍ରାରେ ଡିସ୍ଇନ୍ଫରମେସନ୍ ପ୍ରସାରଣ କରୁଥିବା ଅଭିଯୋଗ ହୁଏ।

(ମତାମତ ଲେଖକଙ୍କ ନିଜସ୍ୱ)

ଭୁବନେଶ୍ୱର
ସମ୍ପର୍କ: ୯୮୬୧୫୫୦୭୬୧

# ଭାଇରାଲ ସଂକ୍ରମଣର କାରଣ ଓ ଏହାର ଉପଚାର

ଆମ ଚାରିପାଖରେ ଅନେକ ଲୋକ ଅଛନ୍ତି, ଯେଉଁମାନେ ଶୀତ ଋତୁରେ ବାରମ୍ବାର ଭାଇରସ୍ ସଂକ୍ରମଣର ଶିକାର ହୋଇଥାନ୍ତି । ପାଗ ପରିବର୍ତ୍ତନ କାରଣରୁ ସାଧାରଣତଃ ଥଣ୍ଡା ଏବଂ ଫ୍ଲୁ ଭଳି ରୋଗରେ ପଡିଥାନ୍ତି । ବର୍ତ୍ତମାନ, ଡେଙ୍ଗୁ, ଚିକୁନଗୁନିଆ, ଡାଇରିଆ, ହେପାଟାଇଟିସ୍ ଏବଂ ଅନ୍ୟାନ୍ୟ ଭାଇରସ୍ ରୋଗ ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଛି । ଇଣ୍ଡିଆନ୍ କାଉନସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରୁ ଜଣାଯାଇଛି ଯେ, ଭାରତରେ ଭାଇରାଲ୍ ସଂକ୍ରମଣର ବୃଦ୍ଧି ପାଇବାରେ ଲାଗିଛି । ଅଧ୍ୟୟନ ଅନୁଯାୟୀ, ଦେଶର ପ୍ରତି ୯ ଜଣଙ୍କ ମଧ୍ୟରୁ ଜଣେ କୌଣସି ନା କୌଣସି ପ୍ରକାରର ସଂକ୍ରାମକ ରୋଗରେ ପୀଡିତ ଥିବା ଜଣାପଡିଛି। ଏହାର ଅର୍ଥ ହେଉଛି ଭାଇରାଲ୍ ସଂକ୍ରମଣ ଏବେ ଏକ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ପାଲଟିଛି। ଭାରତରେ ଦ୍ରୁତ ଗତିରେ ବଢୁଥିବା ଜନସଂଖ୍ୟା ଏହି ଭାଇରସ ବ୍ୟାପିବାର ପ୍ରମୁଖ କାରଣ। ସହରଗୁଡ଼ିକରେ ଲକ୍ଷ ଲକ୍ଷ ଲୋକ ଛୋଟ ସ୍ଥାନରେ ବାସ କରନ୍ତି, ଯାହା ଫଳରେ ଭାଇରସ ଦ୍ରୁତ ଗତିରେ ବ୍ୟାପିବାରେ ସହାୟକ ହୋଇଥାଏ। ସାର୍ବଜନୀନ ପରିବହନ, ବଜାର, କାର୍ଯ୍ୟାଳୟ ଏବଂ ବିଦ୍ୟାଳୟରେ ହଜାର ହଜାର ଲୋକଙ୍କ ଦୈନନ୍ଦିନ ଯା'ଆସ ଦ୍ୱାରା ଭାଇରସ ବ୍ୟାପିବା ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରେ।

**ପ୍ରଦୂଷଣ ଏବଂ ଦୁର୍ବଳ ରୋଗ ପ୍ରତିରୋଧକ ଶକ୍ତି :** ନିରନ୍ତର ବୃଦ୍ଧି ପାଉଥିବା ବାୟୁ ପ୍ରଦୂଷଣ ଆମର ଫୁସଫୁସ ଏବଂ ରୋଗ ପ୍ରତିରୋଧକ ଶକ୍ତିକୁ ଦୁର୍ବଳ କରିଦିଏ। ଏହା ଶରୀରର ଭାଇରସ ସହିତ ଲଢ଼ିବାର କ୍ଷମତାକୁ ହ୍ରାସ କରେ ଏବଂ ବାରମ୍ବାର ଥଣ୍ଡା, କାଶ ଏବଂ ଜ୍ୱରର କାରଣ ହୁଏ। ପ୍ରଦୂଷିତ ବାୟୁରେ ଦୀର୍ଘ ସମୟ ଧରି ରହିବା ଦ୍ୱାରା ଶରୀର ଭାଇରାଲ୍ ସଂକ୍ରମଣର ଶିକାର ହୁଏ।

**ପରିବର୍ତ୍ତିତ ପାଗ ଏବଂ ଜଳବାୟୁ ପରିବର୍ତ୍ତନ :** ଅଚାନକ ଗରମ, ହଠାତ୍ ବର୍ଷା ଏବଂ ବର୍ଦ୍ଧିତ ଆର୍ଦ୍ରତା ଭାଇରସ ପାଇଁ ବଞ୍ଚିବା ଏବଂ ପ୍ରସାର ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି କରେ। ଏହି ସମୟରେ, ମୌସୁମୀ ଋତୁରେ ମଶାଙ୍କ ସଂଖ୍ୟା ବୃଦ୍ଧି ପାଇବା ଦ୍ୱାରା ଡେଙ୍ଗୁ, ଚିକୁନଗୁନିଆ ଏବଂ ଜିକା ଭଳି ସଂକ୍ରମଣର ଘଟଣା ତୀବ୍ର ଭାବରେ ବୃଦ୍ଧି ପାଏ।

**କୋଭିଡ-୧୯ ପରେ ରୋଗ ପ୍ରତିରୋଧକ ଶକ୍ତିରେ ପରିବର୍ତ୍ତନ :** କୋଭିଡ-୧୯ ପରେ ଅନେକ ଲୋକ ରୋଗ ପ୍ରତିରୋଧକ ଶକ୍ତିରେ ଅସନ୍ତୁଳନ ଅନୁଭବ କରିଛନ୍ତି। କୋଭିଡ୍-ପରବର୍ତ୍ତୀ ପ୍ରଭାବ ଶରୀରକୁ ଦୁର୍ବଳ କରିଦେଇଛି । ଯାହା ଫଳରେ ଛୋଟ ଭାଇରସ ଗୁଡ଼ିକ ମଧ୍ୟ ଅଧିକ ସମ୍ବେଦନଶୀଳ ହୋଇପଡୁଛି ଏବଂ ସଂକ୍ରମଣର ଆଶଙ୍କା ବୃଦ୍ଧି ପାଇଛି।

**ଅପରିଷ୍କାର ପରିସ୍ଥିତି ଏବଂ ଖରାପ ବର୍ଜ୍ୟବସ୍ତୁ ପରିଚାଳନା :** ଆବର୍ଜନା ଏବଂ ନର୍ଦ୍ଦମାକୁ ଅନୁପଯୁକ୍ତ ଭାବରେ ନଷ୍ଟ କରିବା ସଂକ୍ରମଣ ବ୍ୟାପିବାର ଏକ ପ୍ରମୁଖ କାରଣ। ଖୋଲା ଅଳିଆ, ବନ୍ଦ ଡ୍ରେନ୍ ଏବଂ ଦୂଷିତ ପାଣି ମଶା ଏବଂ ଭାଇରସ ପାଇଁ ପ୍ରଜନନ ସ୍ଥଳ ସୃଷ୍ଟି କରେ, ଯାହା ଫଳରେ ହେପାଟାଇଟିସ୍ ଏ, ନୋରୋଭାଇରସ୍ ଏବଂ ଡେଙ୍ଗୁ ଭଳି ସଂକ୍ରମଣ ଦ୍ରୁତ ଗତିରେ ବ୍ୟାପିଥାଏ।

**ଖରାପ ଜୀବନଶୈଳୀ ଅଭ୍ୟାସ :** ରାତିରେ ବିଳମ୍ବରେ ଶୋଇବା, ଜଙ୍କ ଫୁଡ୍, ନିଦ୍ରା ଅଭାବ, ଚାପ, ଧୂମପାନ ଏବଂ ମଦ୍ୟପାନ ଭଳି ଅଭ୍ୟାସ ରୋଗ ପ୍ରତିରୋଧକ ଶକ୍ତିକୁ ଦୁର୍ବଳ କରିଦିଏ। ଏହା ଶରୀରକୁ ଛୋଟ ଛୋଟ ସଂକ୍ରମଣ ପ୍ରତି ମଧ୍ୟ ଅଧିକ ସମ୍ବେଦନଶୀଳ କରିଥାଏ।

**ଭାଇରସ୍ ସଂକ୍ରମଣ ହୁଏ ତେବେ କ'ଣ କରିବା ଉଚିତ :** ଅଧିକାଂଶ କ୍ଷେତ୍ରରେ, ଏହା ଆପେ ଆପେ ଭଲ ହୋଇଯାଏ। ତଥାପି, ଉପଯୁକ୍ତ ଯତ୍ନ ଏବଂ ସତର୍କତା ଶୀଘ୍ର ଆରାମ ପ୍ରଦାନ କରିବାରେ ଏବଂ ସଂକ୍ରମଣକୁ ଅନ୍ୟମାନଙ୍କ ପାଖକୁ ବ୍ୟାପିବାରୁ ରୋକିବାରେ ସାହାଯ୍ୟ କରିପାରିବ। ଏହା କରିବା ପାଇଁ, ବିଶେଷ ସତର୍କତା ଅବଲମ୍ବନ କରନ୍ତୁ: ଘରେ ବିଶ୍ରାମ ନିଅନ୍ତୁ, ପ୍ରଚୁର ପାଣି ପିଅନ୍ତୁ, ହାଲୁକା ଏବଂ ପୁଷ୍ଟିକର ଖାଦ୍ୟ ଖାଆନ୍ତୁ, କାଶ କିମ୍ବା ଛିଙ୍କିବା ସମୟରେ ମାସ୍କ ପିନ୍ଧନ୍ତୁ, ସାମାଜିକ ଦୂରତା ବଜାୟ ରଖନ୍ତୁ ଏବଂ ଶେଷରେ ଡାକ୍ତରଙ୍କ ଦ୍ୱାରା ନିର୍ଦ୍ଧାରିତ ଔଷଧ ସମୟ ଅନୁସାରେ ନିଅନ୍ତୁ।

# ରାଜନୀତି ଓ ପରିବାରବାଦ



ସତ୍ୟ ଦାସ

ମନୁଷ୍ୟ ସଭ୍ୟତା ଆରମ୍ଭରୁ ମୁଖିଆ, ରାଜାରାଜୁଡା ଓ ଜମିଦାର ଶାସନ ଆରମ୍ଭ ହୋଇଥିଲା। ଯାହାକୁ ଅନ୍ୟ ପକ୍ଷରେ ବଂଶାନୁକ୍ରମିକ ବା ପରିବାରବାଦ ଶାସନ କୁହାଯାଇଥାଏ। ହେଲେ ପ୍ରଥମକରି ନିଜ ରାଜ୍ୟ ବା ଦେଶର ଶାସନପାଇଁ ନିଜସ୍ୱ ଏକ ଅନୁଶାସନ ତିଆରିବା ସହିତ ରାଜୁତି କରିଆସୁଥିଲେ ଏହି ପରିବାରବାଦକୁ ପସନ୍ଦ କରୁଥିବା ଲୋକମାନେ। ହେଲେ ଦୁଇ ତିନି ପିଢ଼ି ପରେ ପୂର୍ବଜଙ୍କ ଅନୁଶାସନକୁ ବଦଳାଇ ଦେଇ ନିଜର ଏକ ସ୍ୱତନ୍ତ୍ର ଅନୁଶାସନ ପ୍ରଣୟ କରୁଥିଲେ। ଫଳରେ ରାଜା ଓ ବାଦଶାହମାନଙ୍କ ଗର୍ବ ଅହଂକାର ଜନଅସନ୍ତୋଷ ଓ ବିଦ୍ରୋହ ଦ୍ୱାରା ଦମନ ହେଉଥିଲା ଓ ସେମାନେ ଗାଦିଚ୍ୟୁତ ହୋଉଥିଲେ। ଆଉ କେଉଁ କେଉଁ କ୍ଷେତ୍ରରେ ରାଜା ଓ ବାଦଶାହାମାନଙ୍କ ବିଳାସପୂର୍ଣ୍ଣ ଜୀବନ ଓ ଦୁର୍ବଳ ଶାସନ ମଧ୍ୟ ତାଙ୍କୁ ଗାଦିରୁ ବିତାଡ଼ିତ କରୁଥିଲା। ପୁଣି ଏକ ନୂଆ ପିଢି ହାତକୁ ଶାସନ ଡୋର ଚାଲିଯାଉଥିଲା। ଅନେକ ଦୃଷ୍ଟାନ୍ତ ଏପରି ମଧ୍ୟ ଦେଖିବାକୁ ମିଳିଥାଏ କି ରାଜା ଓ ମହାରାଜାମାନେ, ନିଜର ପରିବାରବାଦକୁ (Legacy) ବଞ୍ଚାଇ ରଖିବା ପାଇଁ, ନିଜର ସନ୍ତାନ ସନ୍ତତିମାନଙ୍କୁ ସବୁ ବିଦ୍ୟାରେ ପାରଙ୍ଗମ କରିବା ପାଇଁ ଗୁରୁକୂଳ ଇତ୍ୟାଦିକୁ ପଠାଉଥିଲେ କିମ୍ବା ଜଣେ ବିଦ୍ୱାନ ଆଚାର୍ଯ୍ୟ ବା ପଣ୍ଡିତଙ୍କ ପାଖରେ ଶିକ୍ଷା ପ୍ରଦାନ କରାଉଥିଲେ। ଫଳ ସ୍ୱରୁପ ତାଙ୍କ ପର ପିଢିର ଶାସକ ଠିକ୍ ଭାବେ ରାଜ୍ୟ ଚଳାଇବା ସହିତ ପ୍ରଜାଙ୍କ ପ୍ରିୟପାତ୍ର ହେଉଥିଲେ। ବିଭିନ୍ନ ଦେଶ ବା ବିଶ୍ୱ ଇତିହାସ ପଢିଲେ ଏହାର ଯଥେଷ୍ଟ ପ୍ରମାଣ ମିଳିଥାଏ। ଏବେ କିନ୍ତୁ ଆଉ ରାଜା-ରାଜୁଡା ବା ବାଦଶାହାମାନଙ୍କ ଶାସନ ପରମ୍ପରା ପ୍ରାୟତଃ କୌଣସି ଦେଶରେ ଆଉ ନାହିଁ। ଯଦିଓ ବିଶ୍ୱର ପ୍ରାୟତଃ ଦେଶରେ ଉର-ଙ୍କକ୍ଷମକ୍ସବମଛ ପ୍ରଥାରେ ଶାସନ ଚାଲିଛି; By the People; for the People; of the People କେବଳ ସମ୍ବିଧାନ ବହି ମଧ୍ୟରେ ସୀମିତ ହୋଇ ରହିଗଲା ପରି ଲାଗୁଛି। ଭାରତ ପରି ଅଳ୍ପ କିଛି ଦେଶରେ ରାଜନୀତିରେ ପରିବାରବାଦ ନିଜର କାୟା ବିସ୍ତାର କରି, ବୋଧି-ଦ୍ରୁମ ପରି ବଢିଚାଲିଛି। ସ୍ୱାଧୀନତା ପରେ ଏହି ପାରିବାରିକ ରାଜନୀତି ନିଜର କାୟା ବିସ୍ତାର କରି ଆଜି ଏକ ବିରାଟ ବୃକ୍ଷରେ ପରିଣତ ହେଇଗଲାଣି। ଜଣେ ରାଜନେତା ଥରେ ନିର୍ବାଚନରେ ଜିତିଲା ପରେ ଅନ୍ୟାୟ ଓ ଅନୀତି ଉପାୟରେ ବହୁ ଅର୍ଥ ସଂଗ୍ରହ କରି ନିଜ ପରିବାରର ଦଶ ପିଢି ପାଇଁ ସାଇତି ରଖିବାରେ ସମର୍ଥ ହେଉଛି। ଆଉ ଉତ୍ତରାଧିକାରୀ ଭାବେ ନେତା ପଦପଦବୀ ଓ ଅର୍ଥବଳ ତାଙ୍କ ପିଲାମାନଙ୍କୁ ମିଳିଯାଉଛି। ଫଳରେ ସେମାନେ ସେହି ଗଛିତ କଳାଧନ ଦ୍ୱାରା ବାରମ୍ବାର ନିର୍ବାଚନ ଜିତିବାରେ ସମର୍ଥ ହେଉଛନ୍ତି। ଫଳତଃ ଅଜସ୍ର କଳାଧନ ଅର୍ଜନର ନୂଆ ନୂଆ ଉପାୟମାନ ବାହାର କରିଚାଲିଛନ୍ତି। ଶାସନରେ ଥିବା ବା ସରକାରରେ ଥିବା ନେତା ଓ ପ୍ରଶାସନ ଏସବୁ ବିଷୟରେ ଜାଣି ମଧ୍ୟ ନୀରବଦ୍ରଷ୍ଟା ସାଜି ରହିଯାଉଛନ୍ତି। ବର୍ତ୍ତମାନ ରାଜନୈତିକ ଦଳମାନଙ୍କୁ ଦେଖିଲେ ଲାଗୁଛି କୌଣସି ଦଳ ଏହି ପରିବାରବାଦରୁ ବଞ୍ଚିତ ନୁହଁନ୍ତି। ଆମ ଦେଶରେ ଏହା ଅତ୍ୟନ୍ତ ଶକ୍ତିଶାଳୀ ହୋଇ ଦେଶର ଭବିଷ୍ୟତ ନଷ୍ଟ କରିବାରେ ଲାଗି ପଡିଛି। ଫଳରେ, ଦୁର୍ନୀତି ଓ ବ୍ୟଭିଚାର ବଢିବାରେ ଚାଲିଛି। ସାଧାରଣ ଜନତା ମନରେ ଗ୍ଲାନି ରଖି ଭୟର ବାତାବରଣ ଭିତରେ ଜୀବନ ଅତିବାହିତ କରୁଛନ୍ତି। କେବେ, ଅର୍ଥବଳରେ ତ କେବେ ବାହୁବଳରେ ତ ଆଉ କେବେ ବନ୍ଧୁକ ମୁନରେ ରାଜନୈତିକ ପରିବାରବାଦ ନିଜର କାୟା ବିସ୍ତାର କରିଚାଲିଛି। ବାପ ପରେ ମା, ପୁଅ, ବୋହୂ, ଭାଇ, ଝିଅ, ଜ୍ୱାଇଁ, ଏପରିକି ନାତି ମଧ୍ୟ ଶାସନ କ୍ଷମତାକୁ ହାତେଇବା ସହିତ ଅଧିକ ଅନ୍ୟାୟ ଅନୀତି ଓ ବ୍ୟଭିଚାର କରିବାର ସାହାସ ପାଉଛନ୍ତି। ଏହି ପରିବାରବାଦ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁଥିବା ବ୍ୟକ୍ତି ବା ଗଣମାଧ୍ୟମକୁ ପ୍ରଥମେ ଅର୍ଥଲୋଭ ଦିଆଯାଉଛି, ନ ମାନିଲେ, କଠୋର ହସ୍ତରେ ଦମନ କରାଯାଉଛି। ଏସବୁ କଥାର ଅନେକ ନଜିର ରହିଛି। ଅସାମାଜିକ ଓ ଅପରାଧୀକ ତତ୍ତ୍ୱଙ୍କ ପ୍ରଭାବ ଦିନକୁ ଦିନ ବଢି ବଢି ଚାଲିଛି। ଅର୍ଥ ଓ ପ୍ରଭାବ ବଳରେ, ସତ୍ୟକୁ ମିଥ୍ୟା ଏବଂ ମିଥ୍ୟାକୁ ସତ୍ୟରେ ସହଜରେ ପରିଣତ କରାଯାଇପାରୁଛି। ଫଳରେ ଆଇନ ଶୃଙ୍ଖଳା ସରକାରୀ ବ୍ୟବସ୍ଥା ଓ ନ୍ୟାୟପାଳିକା ମଧ୍ୟ ବାଧାପ୍ରାପ୍ତ ହେଉଥିବାର ଲକ୍ଷ କରାଯାଉଛି।

ଏବେକାର ସମାଜକୁ କଳୁଷିତ କରୁଥିବା ତତ୍ତ୍ୱମାନେ ଏପରି କାୟା ବିସ୍ତାର କଲେଣି ଯେ ଜଣେ ସାଧାରଣ ନାଗରିକ ଏବେ ସୁସ୍ଥ ଜୀବନଟିଏ ବିତାଇବା ପାଇଁ ଭୟ କଲେଣି। ଏଥିପାଇଁ ପରିବାରବାଦ ରାଜନୀତି, ପ୍ରଶାସନିକ ଅଧିକାରୀ, ଆଇନ ଅଧିକାରୀ, ନ୍ୟାୟ ବ୍ୟବସ୍ଥା ଓ ପ୍ରତିକ୍ରିୟା ବିହୀନ ସାଧାରଣ ଜନତା ହିଁ ଦାୟୀ। ଯେଉଁମାନେ ନିଜକୁ ବୁଦ୍ଧିଜୀବୀ କହୁଥିଲେବି ସ୍ୱର ଉତ୍ତୋଳନ କରି ଆଗେଇ ଆସିବାକୁ କୁଣ୍ଠାବୋଧ କରୁଛନ୍ତି ଏବଂ କେବଳ ବକ୍ତବ୍ୟ ଭିତରେ ନିଜକୁ ସୀମିତ ରଖିଦେଉଛନ୍ତି। ହେଲେ କେହି କେବେ ଏହାର ଅନ୍ତ ବିଷୟରେ ତିଳେମାତ୍ର ଚିନ୍ତିତ ନୁହଁନ୍ତି। ଦେଶ ଚିନ୍ତା ଅପେକ୍ଷା ନିଜର ସ୍ୱାର୍ଥ ପାଇଁ ବେଶୀ ଚିନ୍ତା କରୁଛନ୍ତି, ଏବେକାର ନେତା ଓ ବଡ ପଦବୀରେ ଥିବା ବୁଦ୍ଧିଜୀବୀମାନେ। ଏପରି ପରିସ୍ଥିତି ଆଉ କିଛିଦିନ ଚାଲିଲେ ବୈପ୍ଳବିକ ପରିବର୍ତ୍ତନ ବଦଳରେ ଏକ ବିଶୃଙ୍ଖଳିତ ସମାଜ ଏବଂ ଅରାଜଗତା ଆରମ୍ଭ ହେବାଟା ସୁନିଶ୍ଚିତ।

(ମତାମତ ଲେଖକଙ୍କ ନିଜସ୍ୱ)

**ବକ୍ସି ବଜାର, କଟକ-୧**
**ମୋବାଇଲ୍- +୯୧୯୮୬୧୦ ୬୩୭୯୦**

## ଖୋର୍ଦ୍ଧାରେ ଶହୀଦ ଦିବାକର ପରିଡ଼ାଙ୍କ ଜୟନ୍ତୀ ପାଳିତ

**ଖୋର୍ଦ୍ଧା (ଭିଓଭି) :** ଖୋର୍ଦ୍ଧା ହାଇସ୍କୁଲ୍‌ର ପୁରାତନ ଛାତ୍ର, ରଣପୁର ପ୍ରଜା ଆନ୍ଦୋଳନର ମହାନ୍ ଶହୀଦ ଦିବାକର ପରିଡ଼ାଙ୍କର ୧୧୫ତମ ଜୟନ୍ତୀ ବି.ଜେ.ବି. ହାଇସ୍କୁଲ୍‌ଠାରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ସ୍ମୃତିଚାରଣ କରାଯାଇଛି । ଶହୀଦ ରଘୁ-ଦିବାକର ସ୍ମୃତି କମିଟିର ଉପଦେଷ୍ଟା ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ଅଧ୍ୟକ୍ଷତାରେ ତାଙ୍କ ଜୀବନ ଗାଥାର କେତୋଟି ସ୍ମରଣୀୟ ଘଟଣା ଉପରେ ଆଲୋକପାତ କରାଯାଇଥିଲା । ଶହୀଦ ରଘୁ-ଦିବାକର ରଣପୁରର ଗଡ଼ବାଣୀକିଲ ଅଞ୍ଚଳରୁ ଆସି ୧୯୨୮ ମସିହାରେ ଖୋର୍ଦ୍ଧା ହାଇସ୍କୁଲ୍‌ରେ ପଢୁଥିବାବେଳେ । ଏହି ଦୁଇ ଛାତ୍ର ରଣପୁର ପ୍ରଜା ଆନ୍ଦୋଳନରେ ପଲିଟିକାଲ୍ ଏଜେଣ୍ଟ ବେଜଲଗେଟ୍ ହତ୍ୟାକାଣ୍ଡ ଅଭିଯୋଗରେ ୧୯୪୧ ମସିହା ଏପ୍ରିଲ ୪ ତାରିଖ ଦିନ ବିହାରର ହଜାରିବାଗ ଜେଲ୍‌ରେ ଫାଶୀବରଣ କଲେ । ସେମାନେ ଏହି ବିଦ୍ୟାଳୟର ଛାତ୍ର ଥିବାରୁ ପୂର୍ବତନ ବିଧାୟକ ଜିତୁ ମିତ୍ର ଓ ପୂର୍ବତନ ପ୍ରଧାନଶିକ୍ଷକ ବାଉରୀବନ୍ଧୁ ଭୂଜବଳଙ୍କ ଉଦ୍ୟମକ୍ରମେ ହାଇସ୍କୁଲ୍ ପରିସରରେ ପ୍ରତିମୂର୍ତ୍ତି ନିର୍ମାଣ କରାଯାଇଛି ବୋଲି ଶ୍ରୀ ବଳିଆରସିଂହ ମତପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜେବି ହାଇସ୍କୁଲ୍‌ର ପୂର୍ବତନ ପ୍ରଧାନଶିକ୍ଷକ ତଥା କଳିଙ୍ଗ ପାଇକ ସଂଗଠନର ସଭାପତି ଭୀମସେନ ପ୍ରଧାନ, ବୋଲଗଡ଼ ମଣ୍ଡଳସିଂ ଗ୍ରାମର ଭଗବାନ ପଶ୍ଚିମକବାଟ, ପୁରାତନ ଡାକଟିକଟ ଓ ସମ୍ବାଦପତ୍ରର ସଂଗ୍ରାହକ ବିମଳ ଷଡ଼ଙ୍ଗୀ, ଖୋର୍ଦ୍ଧା ଜିଲ୍ଲା ଉତ୍କଳ ସମ୍ମିଳନୀର ସଭାପତି ଶିବସୁନ୍ଦର ସାହୁ, ଉପେନ୍ଦ୍ର କୁମାର ସ୍ୱାଇଁ, ଶିକ୍ଷାବିତ୍ ଦାଶରଥି ପୃଷ୍ଟି, ଗୋଡ଼ା ଶ୍ରୀ ଲୋକନାଥ ସେବା ଟ୍ରଷ୍ଟର ସଭାପତି କୃଷ୍ଣଚନ୍ଦ୍ର ହରିଚନ୍ଦନ ପ୍ରମୁଖ ଶହୀଦ ଦିବାକର ପରିଡ଼ାଙ୍କ ଗୁଣାବଳୀ ବର୍ଣ୍ଣନା କରିଥିଲେ । ଆର୍.ପି.ଏଫ୍‌ର ପ୍ରାକ୍ତନ ବରିଷ୍ଠ ଅଧିକାରୀ ରାଜେନ୍ଦ୍ର କୁମାର ନରେନ୍ଦ୍ର ଧନ୍ୟବାଦ



ପଟ୍ଟନାୟକ, ବିପ୍ଳବୀ ବୀର ରଘୁ-ଦିବାକର ପୁସ୍ତକର ଲେଖକ ତଥା ସ୍ତମ୍ଭକାର ସମରେନ୍ଦ୍ର ବଳିଆରସିଂହ, ୟୁକୋ ବ୍ୟାଙ୍କର ପ୍ରାକ୍ତନ ଆଞ୍ଚଳିକ ପ୍ରବନ୍ଧକ ଲକ୍ଷ୍ମୀଧର ସାମନ୍ତରାୟ, ଅବସରପ୍ରାପ୍ତ ଫ୍ଲାଇଟ୍ ଲେଫ୍ଟନାଣ୍ଟ ବିଦ୍ୟାଧର ଲେଙ୍କା, ସମ୍ବାଦ ସାହିତ୍ୟ ଘରର ସଂପାଦକ ଗୋବିନ୍ଦ ଚନ୍ଦ୍ର ମହାରଣା, ତ୍ରିନାଥ ଚରଣ କଳା ସାହିତ୍ୟ ସଂସଦର ସମ୍ପାଦିକା ଶ୍ରୀମତୀ ଇତିଶ୍ରୀ ଦେଇଥିଲେ । ଶହୀଦ ଦିବାକର ପରିଡ଼ାଙ୍କ ଜନ୍ମଦିନ ୧୯୧୧ ମସିହା ନଭେମ୍ବର ୩୦ ତାରିଖକୁ ମନେ ପକାଇ ନଭେମ୍ବର ୩୦ରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ପାଳିତ ହେଉଥିବା ବେଳେ ତାଙ୍କ ବିଦ୍ୟାଳୟରେ ପାଳିତ ହେଉଥିବା ଖୋର୍ଦ୍ଧା ପାଇଁ ଗୌରବର ବିଷୟ ବୋଲି ସଭାପତି ଶ୍ରୀ ବଳିଆରସିଂହ କହିଥିଲେ ।

## ବାରବାଟୀ ମ୍ୟାଚ୍ : ଆଜିଠୁ ଅନଲାଇନ୍ ଟିକେଟ୍

**କଟକ (ଭିଓଭି):** ବାରବାଟୀ ଷ୍ଟାଡିୟମରେ ହେବାକୁ ଥିବା ଆନ୍ତର୍ଜାତୀୟ ଟି-୨୦ ମ୍ୟାଚ୍ ପାଇଁ ପ୍ରସ୍ତୁତି ଜୋରଦାର ଚାଲିଛି। ଡିସେମ୍ବର ୯ରେ ମ୍ୟାଚ୍ ଅନୁଷ୍ଠିତ ହେବ। ଓଡିଶା ସରକାର ଏବଂ ଓଡିଶା କ୍ରିକେଟ୍ ଆସୋସିଏସନ୍ ପକ୍ଷରୁ ସମସ୍ତ ବ୍ୟବସ୍ଥାକୁ ତ୍ରୁଟିମୁକ୍ତ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ଆଜିଠାରୁ ମ୍ୟାଚ୍ ପାଇଁ ଅନ୍‌ଲାଇନରେ ଟିକେଟ୍ ବିକ୍ରି ଆରମ୍ଭ ହୋଇଛି। ଏ ନେଇ ଓସିଏ ସମ୍ପାଦକ ସଞ୍ଜୟ ବେହେରା ପ୍ରେସ୍‌ମିଟ୍ ଜରିଆରେ ସୂଚନା ଦେଇଛନ୍ତି। ଅନଲାଇନ୍‌ରେ କେବଳ ଦୁଇ ହଜାର ଟିକେଟ୍ ବିକ୍ରି କରାଯିବ। ଏଥର ୪୨ ହଜାର ଦର୍ଶକ ମ୍ୟାଚ୍ ଦେଖି ପାରିବେ। ୨୩ ହଜାର ଟିକେଟ୍ ବିକ୍ରି ହେବ। ୧୮ ହଜାର ୪୦୦ କମ୍ପ୍ଲିମେଣ୍ଟାରୀ ପାସ୍ ପ୍ରସ୍ତୁତି ହୋଇଛି। ଆସନ୍ତା ୫ ତାରିଖରୁ ଅଫ୍‌ଲାଇନ୍‌ରେ ଟିକେଟ୍ ବିକ୍ରି ହେବା ନେଇ ସୂଚନା ରହିଛି। ଅଫଲାଇନ୍‌ରେ କେବଳ ଦୁଇ ହଜାର ଟିକେଟ୍ ବିକ୍ରି କରାଯିବ। ଅଫଲାଇନ୍‌ରେ ଟିକେଟ୍ କାଉଣ୍ଟରରେ ମହିଳା ଓ ପୁରୁଷଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ।

## ସର୍ବସାଧାରଣ ଭକ୍ତଙ୍କ ପାଇଁ ଏବେ ଖୋଲିବ ନାହିଁ ଶ୍ରୀଗୁଣ୍ଡିଚା ମନ୍ଦିର

**ପୁରୀ (ଭିଓଭି) :** ପରିଚାଳନା କମିଟିଙ୍କ ପରାମର୍ଶ ତଥା ଅଧିସ୍ୱୀକୃତି ଅନୁସାରେ କିଛିଦିନ ତଳେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ନେତୃତ୍ୱରେ ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରି ଏବଂ ପରେ, ପରିଚାଳନା କମିଟିର ବରିଷ୍ଠ ସେବକ ସଦସ୍ୟ ଏବଂ ଅଧିକାରୀ ବୃନ୍ଦ ଶ୍ରୀଗୁଣ୍ଡିଚା ମନ୍ଦିର ଅନୁଧ୍ୟାନ କରିଥିଲେ। ଏହାପରେ ଆସନ୍ତା ଡିସେମ୍ବର ୧ ତାରିଖରୁ ଏହାକୁ ଶ୍ରଦ୍ଧାଳୁ ଓ ଭକ୍ତଙ୍କ ଲାଗି ଖୋଲାଯିବା ନେଇ ବିଚାର କରାଯାଇଥିଲା । ତେବେ ଏହା ଭିତରେ ଶ୍ରୀଗୁଣ୍ଡିଚା ମନ୍ଦିର ମରାମତି ତଥା ସଂରକ୍ଷଣ କାର୍ଯ୍ୟ ପାଇଁ ଆହୁରି ଅଧିକ ସମୟ ଆବଶ୍ୟକ ବୋଲି ଅତିରିକ୍ତ ମୁଖ୍ୟ ଯନ୍ତ୍ରି ରିପୋର୍ଟ ଦେଇଛନ୍ତି । ଏଥିସହ ମନ୍ଦିର ମଧ୍ୟରେ ଷ୍ଟିଲ ବିମ୍ ଲଗାଯିବା ପ୍ରସ୍ତାବ ଥିବା ସହ ଖଣ୍ଡୋଲାଇଟ୍ ପଥର ଲଗା କାମ ବାକି ଥିବା ଦର୍ଶାଇଛନ୍ତି । ସେହିପରି ଶ୍ରୀଗୁଣ୍ଡିଚା ମନ୍ଦିର



ପରିସର ଉଦ୍ୟାନ ଗୁଡିକ ଭକ୍ତଙ୍କ ସୁରକ୍ଷା ଦୃଷ୍ଟିରୁ ସଫେଇ ଏବଂ ଉନ୍ନତିକରଣ ଜରୁରୀ ଥିବା ବରିଷ୍ଠ ସୁପରଭାଇଜର୍ ରିପୋର୍ଟ ଦେଇଛନ୍ତି। ଏହାକୁ ବିଚାରକୁ ନେଇ ଶ୍ରୀଗୁଣ୍ଡିଚା ମନ୍ଦିର ଖୋଲାଯିବା ନିଷ୍ପତ୍ତିକୁ ପରବର୍ତ୍ତୀ ଆଦେଶ ଯାଏଁ ସ୍ଥଗିତ ରଖିବାକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ନିର୍ଦ୍ଦେଶ ଦେଇଛନ୍ତି ।

## କଟିଲା ୮.୧୬ଲକ୍ଷ ରାସନ କାର୍ଡ

**ଭୁବନେଶ୍ୱର (ଭିଓଭି) :** ରାଜ୍ୟରେ ୮ଲକ୍ଷ ୧୬ ହଜାର ହିତାଧିକାରୀଙ୍କ ରାସନ କାର୍ଡ କଟିଛି। ୯୬ ପ୍ରତିଶତ ଇ-କେୱାଇସି ଶେଷ ହୋଇଛି। ୮ ଲକ୍ଷରୁ ଅଧିକ ରାସନ କାର୍ଡ କଟିଛି ବୋଲି ସୂଚନା ଦେଇଛନ୍ତି ଖାଦ୍ୟ ଓ ଯୋଗାଣ



ମନ୍ତ୍ରୀ କୃଷ୍ଣ ପାତ୍ର। ବିଧାନସଭାରେ ମନ୍ତ୍ରୀ ବିବୃତି ଦେଇ କହିଥିଲେ, ଗତ ୧୫ ମାସ ସରକାରରେ ଇ-କେୱାଇସି ଲାଗୁ କରିଥିଲେ। ୯୬% ହିତାଧିକାରୀ ଇ-କେୱାଇସି କରିଛନ୍ତି। କେବଳ ୪% ଇ-କେୱାଇସି କରିନାହାନ୍ତି। ଇ-କେୱାଇସି କରି ନ ଥିବା ହିତାଧିକାରୀଙ୍କ ମଧ୍ୟରୁ ୬ ଲକ୍ଷ ୯୫ ହଜାର ୫୩୦ ଜଣ ମୃତ। ୭୫ ହଜାର ୩୦ ଜଣ ସରକାରୀ ଚାକିରିଆ ଏବଂ ୪୫ ହଜାର ୪୯୬ ଜଣ ଆୟକର ଦାତାଙ୍କୁ ମିଶାଇ ମୋଟ ୮ ଲକ୍ଷ ୧୬ ହଜାର ୫୬ ଜଣଙ୍କ ରାସନ କାର୍ଡ କଟିଛି। ଗରିବଙ୍କ ରାସନ କାର୍ଡ କଟିନି। ପୋର୍ଟାଲରେ ଆବେଦନ କଲେ ଯାଞ୍ଚ ହେବ। ଏହାବ୍ୟତୀତ ଗ୍ରାମାଞ୍ଚଳରେ ୧୩ ଲକ୍ଷ ୫୦ ଏବଂ ସହରାଞ୍ଚଳରେ ୧ ଲକ୍ଷ ୫୦ ଜଣଙ୍କୁ କାର୍ଡ ଦିଆଯିବ।

# ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ

**ବାଲେଶ୍ୱର (ଭିଓଭି) :** ଆଜି ବାଲେଶ୍ୱର ଜିଲ୍ଲାରେ ପର୍ମିଟ୍ ପଡିଆ ଠାରେ ଦିବା ଘ. ୧୦ ଟିକାରେ ସାଂସଦ ଖେଳ ମହୋତ୍ସବ-୨୦୨୫ର ଶୁଭ ଉଦ୍‌ଘାଟନ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସାଂସଦ ବାଲେଶ୍ୱର ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗ ଦେଇଥିବା ବେଳେ ମଞ୍ଚରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ବାଲେଶ୍ୱର ଉପଜିଲ୍ଲାପାଳ ଶିବ ମାଲବ୍ୟ, ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଏବଂ ସିଭିଲ ସୋସାଇଟିର ସଦସ୍ୟ ମଞ୍ଚାସିନ ଥିଲେ। ବିଭିନ୍ନ ବ୍ଲକ୍‌ରୁ ଆସିଥିବା ଅଂଶଗ୍ରହଣକାରୀଙ୍କୁ ଉଦ୍‌ବୋଧନ ଦେଇ ସାଂସଦ ବାଲେଶ୍ୱର, ଶ୍ରୀ ଷଡ଼ଙ୍ଗୀ କହିଛନ୍ତି ଯେ, ଏହି ସାଂସଦ ଖେଳ ମହୋତ୍ସବ 'ଫିଟ୍ ଇଣ୍ଡିଆ' ଅଭିଯାନକୁ ଘରେ ଘରେ ପହଞ୍ଚାଇବା ସହିତ



ବିକଶିତ ଭାରତ ଲକ୍ଷ୍ୟ ସହ ସମ୍ପୂର୍ଣ୍ଣ ସମନ୍ୱିତ। ଏହି ମହୋତ୍ସବ କ୍ରୀଡ଼ାକୁ ପ୍ରୋତ୍ସାହନ ଦେବା ପାଇଁ ଏକ ବଡ଼ ମଞ୍ଚ ପ୍ରଦାନ କରୁଛି। ଜିଲ୍ଲାପାଳ ଶ୍ରୀ ବିକାଶ କହିଛନ୍ତି ଯେ, ଏହି ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସ୍ଥାନୀୟ ପ୍ରତିଭାକୁ ପରିପୋଷଣ କରିବା, କ୍ରୀଡ଼ା ସଂସ୍କୃତିକୁ ଆହୁରି ମଜଭୁତ୍ କରିବା ଏବଂ ସମସ୍ତଙ୍କ ଭିତରେ କ୍ରୀଡ଼ା ଚେତନାକୁ ଜାଗ୍ରତ କରିବା। ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ଏହାକୁ ଗୌରବର ଦିବସ ବୋଲି କହି ସମସ୍ତ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ କରି ଶୁଭେଚ୍ଛା ଜଣାଇଥିଲେ। ସେ ଜିଲ୍ଲା ପ୍ରଶାସନ ପକ୍ଷରୁ ସାଂସଦଙ୍କୁ ଧନ୍ୟବାଦ ଜ୍ଞାପନ କରିବା ସହିତ ସମସ୍ତ ଅଂଶଗ୍ରହଣକାରୀ କୃତଜ୍ଞତା ଜ୍ଞାପନ କରିଛନ୍ତି। ସାଂସଦ ଶ୍ରୀ ଷଡ଼ଙ୍ଗୀ କ୍ରୀଡ଼ା ଜ୍ୟୋତି ପ୍ରଜ୍ୱଳନ ଏବଂ ଧ୍ୱଜା ଉତ୍ତୋଳନ କରି ମହୋତ୍ସବର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହା ପରେ ସମସ୍ତେ କ୍ରୀଡ଼ା ଶପଥ ପାଠ କରିଥିଲେ। ଏଥିରେ ଆଠ ପ୍ରକାର କ୍ରୀଡାରେ ଶତାଧିକ କ୍ରୀଡାବିତ୍ ଯୋଗ ଦେବେ ଯଥା ଫୁଟବଲ, ଭଲି ବଲ, କବାଡି, ଖୋ ଖୋ, ଅଥଲେଟିକ୍ସ (୧୦୦ ମି ଦୌଡ଼, ୮୦୦ ମି ଦୌଡ଼ , ଲଙ୍ଗ ଜମ୍ପ, ଶୋର୍ଟ୍ ପୁଟ,୧୦୦ ମି ହଡଲସ), ଏବଂ ତିନି ପାରମ୍ପରିକ ଖେଳ ଯଥା ମ୍ୟୁଜିକ ଚେୟାର, ଟଗ ଅଫ୍ ୱାର ଏବଂ ସ୍କିପିଂ । ଏହି ଉଦ୍‌ଘାଟନୀ ଉତ୍ସବରେ ସାଂସ୍କୃତିକ ଦଳଗୁଡ଼ିକ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମର ପରିବେଷଣ ଏବଂ ବିଭିନ୍ନ ବ୍ଲକ୍‌ର ଅଂଶଗ୍ରହଣକାରୀ ଦଳଗୁଡ଼ିକ ଦ୍ୱାରା ପ୍ୟାରେଡ୍ ପ୍ରଦର୍ଶିତ ହୋଇଥିଲା। ଏହି ଖେଳ ମହୋତ୍ସବରେ ପ୍ରାୟ ୩୦୦୦ ଜଣ ଖେଳାଳି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

## ସରକାରୀ ଜାଗାରେ ଗଞ୍ଜେଇ ଚାଷ

# ଏକର ପିଛା ଆୟ ୧୫-୨୦ଲକ୍ଷ

**ମୁନିଗୁଡ଼ା (ଭିଓଭି) :** ଗ୍ରାମାଞ୍ଚଳରେ ମନରେଗା ଯୋଜନାରେ କାମ ମେସିନରେ ହେଉଥିବାରୁ ଅନ୍ୟ ଉପାୟ ନମିଳିବାରୁ ପରିବାର ପ୍ରତିପୋଷଣ ନିମନ୍ତେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଚାଲିଯାଉଥିଲେ। ଯେତେବେଳେ ନିଜ ବନାଞ୍ଚଳରେ ଗଞ୍ଜେଇ ଚାଷରେ କେତେକ ମାଲାମାଲ୍ ହେଉଥିବା ଦେଖିବାକୁ ପାଇଲେ ସେତେବେଳେ ବିଦେଶରୁ ଦାଦନ ଖଟିବା ଛାଡି ଗ୍ରାମକୁ ଆସି ଯୁବପିଡି ବିଭିନ୍ନ ଚାଷ ଓ ଧନ୍ଦା ଛାଡି ଗଞ୍ଜେଇ ଚାଷକୁ ମୁଖ୍ୟ ଆୟକରୀ ଫସଲ ଭାବି ବାଛି ନେଇଛନ୍ତି। ଏପରି ଅଭାବନୀୟ ଦୃଶ୍ୟ ଚାଷକୁ ଜିଲ୍ଲା ପୋଲିସ ପକ୍ଷରୁ ବହୁବାର ପୋଡି ଦିଆଯାଉଥିଲେ ମଧ ଯେଉଁ ତିମିରକୁ ସେହି ତିମିର। ତତ୍କାଳୀନ ଏସଡିପିଓ ଆକାଶ ଚନ୍ଦ୍ର ସାହୁଙ୍କ ବିଚକ୍ଷଣ ଗୁପ୍ତ ତଥ୍ୟରେ ହଜାର ହଜାର କୁଇଣ୍ଟାଲ ଗଞ୍ଜେଇ ସହ ଗାଡି ଜବତ କରି ବହୁ ନିଶା ଚୋରଙ୍କୁ କୋର୍ଟ ଚାଲାଣ କରି ଓଡିଶାରେ ସୁନାମ ଅର୍ଜନ କରି ପାରିଥିଲେ। ସେତେବେଳେ କୋକୁଆ ଭୟରେ ଗଞ୍ଜେଇ ଚାଷ ବନ୍ଦ ହୋଇଯାଇଥିଲା। ଏବେ ଖୁଲମଖୁଲା ଗଞ୍ଜେଇ ବେପାରୀମାନେ ମୁନିଗୁଡାକୁ ନିରାପଦ ସ୍ଥାନ ଭାବି ଆନ୍ତଃରାଜ୍ୟ ଗଞ୍ଜେଇ ବେପାରୀମାନେ ଆଡା ଜମେଇ ରହିଛନ୍ତି।



ଦେଖିବାକୁ ମିଳୁଛି କୋରାପୁଟ, କନ୍ଧମାଳ, ସମ୍ବଲପୁର ଓ ସୁନ୍ଦରଗଡ ଭଳି ରାୟଗଡା ଜିଲ୍ଲାରେ। କେତେକ ଯୁବକ ଓ ବୟସ୍କମାନେ ବେଆଇନ ଗଞ୍ଜେଇ ଚାଷରେ ମାତିଥିବା ଘଟଣା ପଦାକୁ ଆସିଛି। ରାୟଗଡା ଜିଲ୍ଲାର ସୀମାନ୍ତରେ ଗଜପତି ଓ କନ୍ଧମାଳ ସଂରକ୍ଷିତ ଜଙ୍ଗଲରେ ଏହି ଚାଷ ଜୋର ଧରିଛି। ଏଥିପାଇଁ ଦଲାଲଙ୍କ ମାଧ୍ୟମରେ ଆନ୍ତଃରାଜ୍ୟ ନିଶା ମାଫିଆମାନେ ଅର୍ଥ ଯୋଗାଉଛନ୍ତି। ରାତାରାତି ଲକ୍ଷପତି ହେବାର ଆଶାରେ ଏହି ଚାଷରେ ଲାଗିପଡିଛନ୍ତି। ସେମାନେ ଏକର ପିଛା ୧ହଜାର ଗଞ୍ଜେଇ ଗଛ ଲଗାଇ ୧୫ରୁ ୨୦ ଲକ୍ଷ ଆୟ କରୁଛନ୍ତି। ବାହାରେ ହଜାରେ ଟଙ୍କାର ଗଞ୍ଜେଇକୁ ଦଶ ହଜାରରେ ବିକୁଛନ୍ତି। ଅମଳ ବେଳେ ଅର୍ଥ ଯୋଗାଣକାରୀ ମାଲିକ ଦଲାଲମାନଙ୍କୁ ୩୦ପ୍ରତିଶତ ପ୍ରଦାନ କରୁଛନ୍ତି। ରାୟଗଡା ଜିଲ୍ଲାର ଚନ୍ଦ୍ରପୁରା ବ୍ଲକରେ ମାତ୍ରାଧିକ ଗଞ୍ଜେଇ ଏଥିପାଇଁ ବହୁ ଅର୍ଥ କାରବାର କରି ନିର୍ଦ୍ୱନ୍ଦ୍ୱରେ ଚାରିଚକିଆ ଓ ଟ୍ରେନରେ ନେବାର ସୁଯୋଗ ପାଉଛନ୍ତି। ଏପରିକି ହୋଟେଲ ମାନଙ୍କରେ ଗଞ୍ଜେଇ ରଖି ନିଶା ବେପାରୀମାନେ ଆଡ୍ଡା ଜମାଉଥିବା ଶୁଣିବାକୁ ମିଳୁଛି। ପ୍ରତିଦିନ କାର୍, ବୋଲେରୋ ଓ ଟ୍ରେନ୍‌ରେ ମୁନିଗୁଡା ଦେଇ ବିନଦାସରେ ଯାଉଛି। ଯଦି କାଁଭାଁ କେଉଁଠି ଗଞ୍ଜେଇ ଧରା ଯାଉଛି ତାହା ହୋଟେଲରେ ହେଉ କି ଷ୍ଟେସନରେ ହେଉ ଗଞ୍ଜେଇ ଧରା ପଡୁଛି । ମାତ୍ର ବେପାରୀ ଧରାପଡୁ ନଥିବାର ଦୃଷ୍ଟାନ୍ତ ରହିଛି। ତେଣୁ ଆଗ ଅପେକ୍ଷା ଏବେ ନିଶା ବେପାରୀଙ୍କ ପାଇଁ ଭୟ ନାହିଁ। ଏହାର ପ୍ରତିକାର କରାନଗଲେ ଯୁବପିଢ଼ି କାମ ନପାଇ ଏଥିପ୍ରତି ମନ ବଳାଇବାକୁ ଅସ୍ୱୀକାର କରିବା ଠିକହେବ ନାହିଁ। ଏଥିପାଇଁ ଚନ୍ଦ୍ରପୁରୁ, ମୁନିଗୁଡା ପୋଲିସର ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ।



# ଡିସେମ୍ବର ୧ରୁ ୫ କୋଣାର୍କ ମହୋତ୍ସବ

**କୋଣାର୍କ (ଭିଓଭି) :** ଡିସେମ୍ବର ୧ରୁ ୫ ତାରିଖ ପର୍ଯ୍ୟନ୍ତ ପର୍ଯ୍ୟଟନ ବିଭାଗ ଓ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ମୁକ୍ତାକାଶ ରଙ୍ଗ ମଞ୍ଚରେ ୩୬ତମ କୋଣାର୍କ ଉତ୍ସବ ଓ ଚନ୍ଦ୍ରଭାଗାରେ ୧୫ ତମ ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ ଅନୁଷ୍ଠିତ ହେବ। ଏନେଇ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଓ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ କାର୍ଯ୍ୟ ତଦାରଖ କରିଛନ୍ତି। କୋଣାର୍କ ଉତ୍ସବରେ ଚଳିତ ବର୍ଷ ଅନ୍ୟତମ ଆକର୍ଷଣ ସୁଭଦ୍ରା ଶକ୍ତି ମେଳା ଚନ୍ଦ୍ରଭାଗା ତୀର୍ଥ ପଡ଼ିଆରେ ଆୟୋଜନ କରାଯାଇଛି। ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ଆରକ୍ଷୀ ଅଧିକାରି ସମେତ ସମସ୍ତ ବିଭାଗ ର ଅଧିକାରୀ କ୍ଷେତ୍ର ପରିଦର୍ଶନ କରି କାର୍ଯ୍ୟ ତଦାରଖ ବେଳେ ପରିମଳ, ଲାଇଟ ବ୍ୟବସ୍ଥା, ଆଇନ ଶୃଙ୍ଖଳା, ଟ୍ରାଫିକ ସୁବ୍ୟବସ୍ଥାକୁ କଡାକଡି କରିବା ସହ ସମସ୍ତ ଜନଗହଳି ସ୍ଥାନରେ ସିସିଟିଭି ବ୍ୟବସ୍ଥା କରିବା ପାଇଁ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକାରୀ ସୂଚନା ଦେଇଛନ୍ତି। ଆକର୍ଷଣୀୟ ଆଲୋକ ସଜାରେ ନବବଧୂ ପରି ଦେଖାଯାଉଛି କୋଣାର୍କ ମୁକ୍ତାକାଶ ରଙ୍ଗମଞ୍ଚ। ସାରା ଦେଶର ବଛାବଛା ନୃତ୍ୟ ଗୁରୁଙ୍କ ପାଦର ଘୁଙ୍ଗୁରର ରୁଣୁ ଝୁଣୁ ସ୍ୱରରେ ଗୁଞ୍ଜରିତ ହେବ ଶୀତୁଆ ସନ୍ଧ୍ୟା। ଆସନ୍ତା ୧ ତାରିଖରୁ ୫ତାରିଖ କୋଣାର୍କ ଠାରୁ ଚନ୍ଦ୍ରଭାଗା ଚଳ ଚଞ୍ଚଳ ହେବ। କୋଣାର୍କ ମୁକ୍ତାକାଶ ରଙ୍ଗମଞ୍ଚରେ ଶାସ୍ତ୍ରୀୟ ସଙ୍ଗୀତ ଓ ନୃତ୍ୟର ମହା ସମାରୋହ ହେବା ସହ ଚନ୍ଦ୍ରଭାଗାରେ ବାଲୁକା କଳା ଉତ୍ସବ ଅନ୍ୟତମ ଆକର୍ଷଣ। ଏଥି ସହିତ ହେଲିପ୍ୟାଡରେ କୋଣାର୍କ ଏନଏସି ପକ୍ଷରୁ ମୀନା ବଜାର, ଅପେରା ପାର୍ଟି, ରାମ ଦୋଳି, ଖାଦ୍ୟ ପସରା, ସହ ଅନ୍ୟାନ୍ୟ ଷ୍ଟଲ୍ ମାନ ଅୟୋଜନ କରାଯିବ ବୋଲି ସୂଚନା ମିଳିଛି।

# ଓକିଲ ସଂଘ ପକ୍ଷରୁ ରକ୍ତଦାନ ଶିବିର

**ପଟ୍ଟାମୁଣ୍ଡାଇ (ଭିଓଭି) :** ପଟ୍ଟାମୁଣ୍ଡାଇ କୋର୍ଟ ଓ ଓକିଲ ସଂଘର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ପଟ୍ଟାମୁଣ୍ଡାଇ ଓକିଲ ସଂଘ ପକ୍ଷରୁ ସଂଘ କାର୍ଯ୍ୟାଳୟ ଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ଅତିରିକ୍ତ ଜିଲ୍ଲା ଜଜ ବିଦ୍ୟାଧର ପୃଷ୍ଟି ଫିତା କାଟି



କିଶୋର କୁଣ୍ଡ, ଭୀମସେନ ପ୍ରଧାନ, ନରହରି ଲେଙ୍କା ତପନ ମିଶ୍ର ବିଜୟ ରାଉତ, ବିଜ୍ଞାନ ଜେନା, ଧୀରେନ୍ଦ୍ର ସାହୁ, ସୌମ୍ୟ ରଞ୍ଜନ ଧଳ, ଗୋପୀନାଥ ତ୍ରିପାଠୀ ଅଶ୍ୱିନୀ ବେହେରା ଅଭିରାମ କୁଣ୍ଡ ହୃଦାନନ୍ଦ ମହାନ୍ତି, ପ୍ରତାପ ପୃଷ୍ଟି ଭବାନୀ ପଣ୍ଡା, ଲଳିତ ଦାସ ମହାପାତ୍ର, ସଂଜୀବ

ଉଦଘାଟନ କରିଥିଲେ । ସବଜଜ ଅପୂର୍ବା ଚୌଧୁରୀ, ଜେ ଏମ ଏଫ ସି ବିଦ୍ୟୁତଲତା ପ୍ରଧାନ, ଜେ ଏମ ଏଫ ସି ଡ଼ି କେ ବାଳକ୍ରିଷ୍ଣନ ପ୍ରମୁଖ ସମ୍ମାନିତଅତିଥି ଭାବେ ଯୋଗ ଦେଇଥିଲେ । ପଟ୍ଟାମୁଣ୍ଡାଇ ଓକିଲ ସଂଘ ସଭାପତି ସୂର୍ଯ୍ୟ ରଞ୍ଜନ ରାଉଳ, ଉପସଭାପତି ସୁରେଶ କୁମାର ନରେନ୍ଦ୍ର, ସମ୍ପାଦକ ରବୀନ୍ଦ୍ର କୁମାର ଦାଶ, ଯୁଗ୍ମ ସମ୍ପାଦକ ମନୋଜ ନାୟକ, କୋଷାଧକ୍ଷ ପ୍ରମୋଦ ବିଶ୍ୱାଳ ପାଠାଗାର ସମ୍ପାଦକ ପ୍ରକାଶ ପାତ୍ର, ବରିଷ୍ଠ ଆଡ଼ଭୋକେଟ କର, ଗିରିଜା ଦାଶ, ଗୁରୁ ଚରଣ ଷଣ୍ଢ, ଅଶ୍ୱିନୀ ଚୌଧୁରୀ, ସୁନାକାର ପ୍ରଧାନ, ନାରାୟଣ ସାହୁ, ବିଦ୍ୟାଭୂଷଣ ଦାଶ, ପ୍ରଫୁଲ୍ଲ ଦାଶ, ଗୀତାଞ୍ଜଳି ପୃଷ୍ଟି ବିଦ୍ୟାଧର ଦାଶ, ରାଜେନ୍ଦ୍ର ମିଶ୍ର ପ୍ରମୁଖ ବହୁ ବରିଷ୍ଠ ଆଡ଼ଭୋକେଟ ଓକିଲ ସଂଘ ପୂର୍ବତନ କର୍ମକର୍ତ୍ତା ଯୋଗ ଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ଏହି ରକ୍ତଦାନ ଶିବିରରେ ୬୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା ଓ ପଟ୍ଟାମୁଣ୍ଡାଇ ଓକିଲ ସଂଘର ଏହି ମହତ କାର୍ଯ୍ୟକ୍ରମକୁ ସାଧାରଣରେ ପ୍ରଶଂସା କରାଯାଇଛି ।

# Breathe Before You Pollute

## *A Reflection on National Pollution Prevention Day*



Nihar Ranjan Acharya

Every year, National Pollution Prevention Day reminds us not just of a date on the calendar but of a tragedy that still echoes in the lungs of humanity—the Bhopal Gas Disaster of 1984, one of the deadliest industrial accidents in human history. Thousands died, many were left permanently affected, and generations are still paying the price. This day is not a celebration; it is a warning, a wake-up call, and a responsibility.

Today, the world faces a new kind of silent emergency: pollution. Unlike a sudden disaster, this one unfolds slowly—layer by layer, breath by breath, careless act by careless act. The air we inhale, the water we drink, the soil that grows our food — all are burdened and poisoned by human negligence.

Understanding Pollution: The Invisible Enemy

Pollution is no longer just smoke from factories or black exhaust from vehicles. It has become an invisible companion in our daily lives. Microplastics hide in our rivers and oceans, pesticides seep into our soil, harmful gases float in the air, and noise pollution disturbs mental peace and wildlife behavior. The problem is gigantic, but not impossible to solve.


Prevention is not about reacting after the damage is done — it is about ensuring the damage never happens.

Why Prevention, Not Cure?

The environment does not come with a reset button. Once a species goes extinct, once groundwater gets toxic, once the climate crosses a tipping point — there is no reverse button. Prevention is always cheaper than restoration, simpler than repair, and kinder than regret.

A polluted environment gives rise to diseases like asthma, cancer, neurological disorders, and developmental issues in children."Pollution is not just an ecological issue—it is a human rights issue."

Small Steps, Big Impact




Pollution prevention isn't about big speeches; it is about small, consistent actions:

- Using public transport, bicycles, and electric vehicles
- Saying *NO* to single-use plastics
- Practicing waste segregation and recycling
- Planting trees and protecting existing green spaces
- Adopting renewable energy sources like solar and wind
- Conserving water and preventing chemical discharge in natural bodies
- Encouraging industries to adopt green technology and clean processes

Every action counts. Every change matters. Because the planet does not need a few perfect environmentalists — it needs millions of imperfect people trying.

Youth: The Torchbearers of Tomorrow

If the past taught us lessons, the present demands responsibility, and the future expects accountability. Today's youth have the power to reshape the environmental destiny of the Earth. Awareness campaigns, sustainable innovations, and eco-friendly habits can transform society and inspire generations.

A Promise to the Planet

On this National Pollution Prevention Day, let us pause and ask ourselves:

What kind of world are we leaving behind?

Are we caretakers or destroyers?

Are we fulfilling our duty toward the Earth?

The Earth has given us everything — air, water, land, food, beauty, shelter, and life."It's time for us to give something back: respect, responsibility, and protection.

Today, let us take a pledge — not just to talk about a cleaner planet, but to act for one.

Because prevention is not an option — it is a necessity.

Ph. 8249775817
E-Mail: nihar.acharya1973@gmail.com



## ସରକାରୀ ଅଙ୍କୁଶ ଯୋଗୁଁ ପୋଲିସ୍ ଅନେକ ସମୟରେ ନିରୁପାୟ ହୋଇଯାଏ



ପୋଲିସ୍‌ର ଟ୍ରେନିଂ ଏବଂ ଉଦ୍ଦେଶ୍ୟ ଯେଉଁ ପ୍ରକାରର ହୋଇଥାଏ, ଅତିରୁ ଅତି ଜଟିଳ ସମସ୍ୟା ମଧ୍ୟ ପୋଲିସ୍ ସମାଧାନ କରିପାରିବ ଏବଂ ଅପରାଧ ନିୟନ୍ତ୍ରଣ କରିବାରେ ସଫଳ ହେବ ଏବଂ ହେଉଛି ମଧ୍ୟ। ଯେଉଁ ପରିବେଶ ପରିସ୍ଥିତିରେ ପୋଲିସ୍ କାର୍ଯ୍ୟ କରୁଛନ୍ତି ତାହା ବେଳେ ବେଳେ ଅପରାଧୀକୁ ଛାଡି ଦେବା ପାଇଁ ବାଧ୍ୟ ହୋଇଥାଏ। ଅନେକ ସମୟରେ ପୋଲିସ୍ ଉପରେ ସରକାରଙ୍କ ମାତ୍ରାଧିକ ନିୟନ୍ତ୍ରଣ ହିଁ ଦାୟୀ ହୋଇଥାଏ। ଅନେକ ଘଟଣାକ୍ରମରେ ପୋଲିସ୍‌କୁ ଏଥିପାଇଁ ମଧ୍ୟ ଅନ୍ୟତ୍ର ବଦଳି କରାଯାଇଥାଏ ନହେଲେ ସେ ପୋଲିସ୍ ଅଫିସରଙ୍କୁ କୌଣସି ଗୋଟିଏ ତଦନ୍ତରେ ଛନ୍ଦି ହଇରାଣ ହରକତ କରାଯାଇଥାଏ। ତେଣୁ ଯଦି ଏ ସବୁରୁ ପୋଲିସ୍‌କୁ ଦୂରେଇ ରଖାଯାଇ ପାରିବ ତେବେ ଅପରାଧ ନିୟନ୍ତ୍ରଣ କ୍ଷେତ୍ରରେ ପୋଲିସ୍ ନିଶ୍ଚିନ୍ତ ସଫଳ ହେବ।

**- ବିଜୟ କୁମାର ଶର୍ମା, ପୂର୍ବତନ ପୋଲିସ୍ ମହାନିର୍ଦ୍ଦେଶକ, ଓଡ଼ିଶା**

## ପୁରୁଣା ମୋବାଇଲ୍ ବିକିବା ଉଚିତ ନୁହେଁ



ଦୈନନ୍ଦିନ ଯେତିକି ସାଇବର ଠକେଇ ହେଉଛି ସେଥିରୁ ପଂଚାନବେ ପ୍ରତିଶତ ଅପରାଧ ପାଇଁ ଆମେ ନିଜେ ହିଁ ଦାୟୀ ହୋଇଥାଉ। କୌଣସି ଗୋଟିଏ ଅଜଣା ଲିଙ୍କ୍ ବା ଏପିକେ ଫାଇଲ୍ ଆସିଲେ ତାକୁ ଭିକ୍ଟିମ ନିଜେ ହିଁ କ୍ଲିକ୍ କରି ଖୋଲିଥାଏ। ଓଟିପି ନିଜେ ଦିଏ। ତେଣୁ ନିଜେ ଠକାମିର ଶିକାର ହୋଇଥାଏ। କୌଣସି ସପିଙ୍ଗ ମଲ୍‌ରେ ନିଜର ମୋବାଇଲ ନମ୍ବର ଦେବାକୁ କେହି ଆମକୁ ବାଧ୍ୟ କରିପାରିବେ ନାହିଁ। ସେଠାରୁ ମଧ୍ୟ ମୋବାଇଲ୍ ନମ୍ବର ଅପବ୍ୟବହାର ହେବାର ଭୟ ଥାଏ। ଆମେ କୌଣସି ମୋବାଇଲ୍‌ରୁ ଡାଟା ଡିଲିଟ୍ କରିବା ସମୟରେ ସେଥିରୁ ମଧ୍ୟ ଡାଟା ସଂପୂର୍ଣ୍ଣ ଭାବେ ଡିଲିଟ୍ ହୋଇ ନଥାଏ। ସାଇବର ଅପରାଧୀମାନେ ବିଭିନ୍ନ କୌଶଳରେ ସେଥିରୁ ପୁଣି ଡାଟା ପାଇ ଯାଇଥାଆନ୍ତି। ତେଣୁ ଏ ସବୁ ପ୍ରତି ଆମକୁ ଯଥେଷ୍ଟ ସଚେତନ ରହିବାକୁ ପଡିବ।

**- ଡଃ ଲିଙ୍ଗରାଜ ସେଠୀ, ସାଇବର ଆଇନ୍ ବିଶେଷଜ୍ଞ**

## ଅଧିକାଂଶ ଶିକ୍ଷିତମାନେ ହିଁ ସାଇବର କ୍ରାଇମ୍‌ର ଶିକାର ହେଉଛନ୍ତି



ଜଣଙ୍କୁ କେବଳ ଟେଲିଫୋନ୍‌ରେ 'ୟୁ ଆର ଅଣ୍ଡର ଆରେଷ୍ଟ' ବୋଲି କହି କାହାକୁ ଗିରଫ କରିବା ବା ଡିଜିଟାଲ ଆରେଷ୍ଟ କରିବା ଭଳି ବ୍ୟବସ୍ଥା ଭାରତୀୟ ନ୍ୟାୟ ସଂହିତାରେ କୌଣସି ଜାଗାରେ ଉଲ୍ଲେଖ ନାହିଁ। ଏହା ଜାଣିବା ସତ୍ୱେ ବି ଆମର ଅନେକ ଉଚ୍ଚ ଶିକ୍ଷିତ ବ୍ୟକ୍ତି ଡିଜିଟାଲ ଆରେଷ୍ଟ ଭୟରେ ଲକ୍ଷ ଲକ୍ଷ ଟଙ୍କା ହରାଇ ବସୁଛନ୍ତି। ଅପରାଧୀମାନେ ସିବିଆଇ ବା ଇଡି କର୍ମଚାରୀ ଭଳି ବିଭିନ୍ନ ପରିଚୟ ଦେଇ ଡିଜିଟାଲ ଲୁଟ୍ କରିଚାଲିଛନ୍ତି। ରାତାରାତି ବଡଲୋକ ହେବାର ଲୋଭରୁ ଅନେକ ମଧ୍ୟ ଡିଜିଟାଲ ଲୁଟ୍‌ର ଶିକାର ହେଉଛନ୍ତି। ଲୁଟେରାମାନେ ଏବେ ମଧ୍ୟ ଆଉ ଓଟିପି ନମାଗି ଅନଲାଇନ୍ କିଣାବିକା କ୍ୟାନ୍‌ସଲ କରିବା ପାଇଁ *21*number # ଭଳି ନମ୍ବରକୁ କେବଳ ଡାଏଲ କରିବା ପାଇଁ କହି ମୋବାଇଲରୁ ସମସ୍ତ ତଥ୍ୟ ଚୋରି କରି ଆକାଉଣ୍ଟ ଖାଲି କରି ଦେଉଛନ୍ତି। ତେଣୁ ସେଥିପ୍ରତି ସଚେତନ ରହିବାକୁ ହେବ।

**- ଅକ୍ଷୟ କୁମାର ନାୟକ, ଏ.ସି.ପି., ସାଇବର ଅପରାଧ ନିୟନ୍ତ୍ରଣ ବିଭାଗ**



**ସୁରମା ପାଢ଼ୀ**
**ବାଚସ୍ପତି, ଓଡ଼ିଶା ବିଧାନସଭା**

ତାରିଖ : ୨୪/୧୧/୨୦୨୫

## ଶୁଭେଚ୍ଛା ବାର୍ତ୍ତା

ବହୁଭାଷୀ ସାପ୍ତାହିକ ଖବରକାଗଜ 'ଭଏସ୍ ଅଫ୍ ଭିକ୍ଟିମ୍ସ'ର ଦ୍ୱିତୀୟ ସ୍ୱନକ୍ଷତ୍ର ଉତ୍ସବ ୨୦୨୫ ନଭେମ୍ବର ୨୩ ତାରିଖ ଦିନ ପାଳିତ ହୋଇଯାଇଛି ଜାଣି ଅତ୍ୟନ୍ତ ଆନନ୍ଦିତ ।

ସମ୍ବାଦପତ୍ର ଗୋଟିଏ ପକ୍ଷରେ ଜନସେବା । ଅନ୍ୟପକ୍ଷରେ ସମାଜ ସଂଶୋଧନ ଓ ପରିବର୍ତ୍ତନର ମାଧ୍ୟମ । ଜନସାଧାରଣଙ୍କୁ ସଚେତନ କରାଇବା ହେଉଛି ସମ୍ବାଦପତ୍ରର ଯେମିତି ଦାୟିତ୍ୱ, ସମାଜର ବିଭିନ୍ନ ବର୍ଗର ପ୍ରତିନିଧିତ୍ୱ କରୁଥିବା ଲୋକମାନଙ୍କର ମତାମତକୁ ଅନ୍ୟ ମହଲରେ ପହଞ୍ଚାଇବା ମଧ୍ୟ ସେମିତି ଦାୟିତ୍ୱ । 'ଭଏସ୍ ଅଫ୍ ଭିକ୍ଟିମ୍ସ' ସମ୍ବାଦପତ୍ରର କର୍ତ୍ତବ୍ୟ ଓ ଦାୟିତ୍ୱ ପ୍ରତି ନିଷ୍ଠାବାନ ରହିବା ସହ ସବୁବେଳେ ସତ୍ୟ ଓ ନିରପେକ୍ଷ ଖବର ପ୍ରସାରଣ କରି ଜନମତ ଜାଗରଣ ଓ ଉତ୍ତମ ନାଗରିକ ସଂସ୍କୃତି ନିର୍ମାଣରେ ନିଜର ପ୍ରତିବଦ୍ଧତାର ପ୍ରଦର୍ଶନ କରିଆସିଛି। ମୁଁ ଏଥିପାଇଁ 'ଭଏସ୍ ଅଫ୍ ଭିକ୍ଟିମ୍ସ' ଓ ତା'ର କର୍ତ୍ତୃପକ୍ଷଙ୍କୁ ବଧାଇ ଜଣାଉଛି ଓ ଏହି ସମ୍ବାଦପତ୍ର ଅଧିକ ଲୋକପ୍ରିୟତା ଲାଭ କରିବ ବୋଲି ଆଶା କରୁଛି ।

ମୁଁ 'ଭଏସ୍ ଅଫ୍ ଭିକ୍ଟିମ୍ସ' ସହ ସଂପୃକ୍ତ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ସ୍ୱନକ୍ଷତ୍ର ଉତ୍ସବ ପାଳନର ସଫଳତା କାମନା କରୁଛି ।

ସୁରମା ପାଢ଼ୀ
(ସୁରମା ପାଢ଼ୀ)



ନିୟମିତ ଆଇନ୍ କାନୁନ୍ ସମ୍ବନ୍ଧୀୟ ଆଲେଖ୍ୟ ପ୍ରଦାନ କରୁଥିବା ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ଆଇନ ବିଭାଗର ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ କରାଯିବା ଅବସରରେ

## ଅଦାଲତ କେବେ ବି ଜନବିରୋଧୀ ନଥିଲା କି ଆଜି ବି ନାହିଁ



ଜଣେ ଚାହିଁଲେ ନିଜ ମକଦ୍ଦମା ପରିଚାଳନା ନିଜେ କରିପାରିବେ ନଚେତ୍ ଓକିଲ ନିଯୁକ୍ତି କରି ପାରିବେ। ଏବେ ତ ଆହୁରି ସୁବିଧା ହୋଇ ଗଲାଣି। ଡିଜିଟାଲ ଜ୍ଞାନ କୌଶଳ ପ୍ରୟୋଗ ରେ ନିଜେ ଘରେ ଥାଇ ବି ହାଇକୋର୍ଟ ବା ସୁପ୍ରିମକୋର୍ଟ ରେ ନିଜର କେଶ୍ ଲଢ଼ି ପାରିବେ। ଆଇନ ଆଖିରେ ସମସ୍ତେ ସମାନ। ମାତ୍ର କିଛି ଲୋକ ନିଜର ଟଙ୍କା ବଳରେ ଅନ୍ୟ ମାନଙ୍କୁ ବିଭିନ୍ନ ବାଟରେ ହଇରାଣ କରିବାକୁ ପଛାଉ ନାହାଁନ୍ତି। ଅତି ସାମାନ୍ୟ ସାମାନ୍ୟ ଘଟଣାକୁ ନେଇ ଅଦାଲତ କୁ ଚାଲି ଆସୁଛନ୍ତି। ତେଣୁ ନିଜେ ଅସୁବିଧାରେ ପଡୁଛନ୍ତି ଏବଂ ଅନ୍ୟକୁ ବି ଅସୁବିଧାରେ ପକାଉଛନ୍ତି। କିନ୍ତୁ ଅଦାଲତ କେବେ ବି ଜନବିରୋଧୀ ନଥିଲା କି ଆଜି ବି ନାହିଁ।

**- ସଞ୍ଜୟ କୁମାର ସାହୁ**
**ପୂର୍ବତନ ଜିଲ୍ଲା ଓ ଦୌରା ଜଜ**



ମୁଖ୍ୟ ସମ୍ପାଦକଙ୍କ ସ୍ୱାଗତ ଭାଷଣ



ଅଧ୍ୟକ୍ଷ ତଥା ସମ୍ପାଦକଙ୍କ ଅଭିଭାଷଣ



ଆଲୋଚନାର ସଂଚାଳକ ଭୂମିକାରେ ବରିଷ୍ଠ ସାମ୍ବାଦିକ ଶତ୍ରୁଜିତ୍

Printed by **Gyana Ranjan Mishra** and published by **Gyana Ranjan Mishra** on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006

**Editor: Gyana Ranjan Mishra** ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର